

## କ୍ରାଇମ୍ ସିନ୍ ରିକ୍ରିଏସନ କଲା ପୁଲିସ

# ପରକୀୟା ପ୍ରୀତିରୁ ସତ୍ୟବ୍ରତଙ୍କୁ ହତ୍ୟା

ଭୁବନେଶ୍ୱର, ୧୧।୨ (ସମିସ): ନୀଳାଦ୍ରି ବିହାର ସତ୍ୟବ୍ରତ ପ୍ରଧାନ ହତ୍ୟାକାଣ୍ଡ ଉପରୁ ପରଦା ହଟିଛି। ପ୍ରେମିକା ସହ ଦେଖି ସହି ନ ପାରିବାରୁ ସତ୍ୟବ୍ରତଙ୍କୁ ହତ୍ୟା କରାଯାଇଥିବା ପ୍ରାଥମିକ ତଦନ୍ତରୁ ପୁଲିସ ଜାଣିବାକୁ ପାଇଛି। ଲିଜାଙ୍କ ପ୍ରଥମ ପ୍ରେମିକ ତଥା ଜଗତସିଂହପୁର ଜିଲ୍ଲା ଅରିଲୋର ଦୀନବନ୍ଧୁ ନାୟକ ଓରଫ୍ ଦିନେଶକୁ ଗିରଫ କରି କୋର୍ଟ ଚାଲାଣ କରିଛି ପୁଲିସ। ଦିନେଶକୁ ନେଇ କ୍ରାଇମ୍ ସିନ୍ ରିକ୍ରିଏସନ କରିଥିଲେ ମଧ୍ୟ ହତ୍ୟାକାଣ୍ଡରେ ବ୍ୟବହୃତ ଛୁରି ପାଇ ପାରିନାହିଁ ପୁଲିସ। ଘଟଣା ଦିନ ଦିନେଶ ଆସିଥିବା କାରକୁ ପୁଲିସ ଜବତ କରିଛି।

ପୁଲିସ ସୂଚନାନୁସାରେ, ଦିନେଶ ଠାରୁ ଲିଜାଙ୍କ ଘରର ଦୂରତା ୧୨ କିଲୋମିଟର ହୋଇଥିବା ବେଳେ ଉଭୟଙ୍କ ମଧ୍ୟରେ ସାଢେ ୩ ବର୍ଷ ହେବ ପ୍ରେମ ସମ୍ପର୍କ ରହିଥିଲା। ପ୍ରାୟ ଦେଢ଼ ବର୍ଷ ପୂର୍ବେ ଲିଜା ଭୁବନେଶ୍ୱର ଆସି ପାର୍ଲରରେ କାମ କରୁଥିଲେ। ହେଲେ ଅବିବାହିତାଙ୍କୁ ଘର ନ ମିଳିବାରୁ ଦିନେଶକୁ ନିଜ ସ୍ୱାମୀ ବୋଲି ଦର୍ଶାଇ ନୀଳାଦ୍ରି ବିହାରରେ ଘର ଭଡ଼ା ନେଇଥିଲେ ଲିଜା। ଦିନେଶ ପୂର୍ବରୁ ମଧ୍ୟ ବିବାହ କରିଥିବା ବେଳେ ତାଙ୍କର ପତ୍ନୀ ଓ ଝିଅ ମଧ୍ୟ ଅଛନ୍ତି। ଏହା ସତ୍ତ୍ୱେ ସେ ଲିଜାଙ୍କ ସ୍ୱାମୀ ହୋଇ ନୀଳାଦ୍ରି ବିହାର ସ୍ଥିତ ଭଡ଼ା ଘରେ ରହୁଥିଲେ। ଦିନେଶ ଜମିବାଡ଼ି କାରବାର କରୁଥିବାରୁ ଅନେକ ସମୟରେ ବିଭିନ୍ନ ସ୍ଥାନକୁ ଯାଉଥିଲେ ଓ ଲିଜା ଏକାକୀ ଘରେ ରହୁଥିଲେ।

ବ୍ରହ୍ମଗିରି ହସିନାପୁରର ସତ୍ୟବ୍ରତ ମଧ୍ୟ ବିବାହିତ ହୋଇଥିବା ବେଳେ ତାଙ୍କର ସ୍ତ୍ରୀ ଓ ସନ୍ତାନ ଅଛନ୍ତି। ଲିଜା ପ୍ରାୟ ୪ ମାସ ପୂର୍ବେ ଇନଷ୍ଟାଗ୍ରାମ ଜରିଆରେ ସତ୍ୟବ୍ରତ ପ୍ରଧାନଙ୍କ ସଂସ୍ପର୍ଶରେ ଆସିବା ପରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ସୃଷ୍ଟି ହୋଇଥିଲା। ଗତ ଡିସେମ୍ବର ମାସ ଠାରୁ ଦିନେଶ ନିଳାଦ୍ରୀ ବିହାର ଛାଡ଼ି ଗାଁକୁ ପଳାଇଥିଲେ। ସେପଟେ ସତ୍ୟବ୍ରତଙ୍କୁ ପ୍ରେମ କରିବା ପରେ ଲିଜା ଧିରେ ଧିରେ ଦିନେଶଙ୍କୁ ଅଣଦେଖା କରି ଆସୁଥିଲେ। ଅଣଦେଖାକୁ ନେଇ ଦିନେଶ ଓ ଲିଜାଙ୍କ ମଧ୍ୟରେ ବଚସା ମଧ୍ୟ ହେଉଥିଲା। ଲିଜା ଅନ୍ୟ କୌଣସି ଯୁବକଙ୍କ ସହ ସମ୍ପର୍କରେ ଥିବା ଦିନେଶ ମାସେ ହେବ ସନ୍ଦେହ କରି ଆସୁଥିଲେ।

### ■ କାର୍ ଜବତ; ମିଳିନି ଛୁରି

### ■ ମୃତକ ଓ ଅଭିଯୁକ୍ତ ଉଭୟ ବିବାହିତ





### ରାଜସାକ୍ଷୀ ହେଲେ ଲିଜା

ସତ୍ୟବ୍ରତଙ୍କ ମୃତ୍ୟୁ ପରେ ଲିଜାଙ୍କ ଭୂମିକାକୁ ନେଇ ସନ୍ଦେହ ସୃଷ୍ଟି ହୋଇଥିଲା। ୩ ଜଣ ଯାକ ଦୌଡୁଥିବା ସିସିଟିଭି ଫୁଟେଜରୁ ଜଣାପଡ଼ିବା ପରେ ଏହି ସନ୍ଦେହ ଅଧିକ ଘନୀଭୂତ ହୋଇଥିଲା। ଲିଜା ହିଁ ହତ୍ୟାକାଣ୍ଡରେ ସମ୍ପୃକ୍ତ ଥିବା ପ୍ରଥମରୁ ଚର୍ଚ୍ଚା ହେଉଥିଲେ ମଧ୍ୟ ସେନେଇ କୌଣସି ପ୍ରମାଣ ପାଇନାହିଁ ପୁଲିସ। ଦିନେଶ ଠାରୁ ମିଳିଥିବା ବୟାନ ଅନୁସାରେ, ସତ୍ୟବ୍ରତଙ୍କୁ ହତ୍ୟା କରିବାରେ ଲିଜାଙ୍କର କୌଣସି ସମ୍ପୃକ୍ତି ନାହିଁ। ତେବେ ଲିଜାଙ୍କ ବିରୋଧରେ ପ୍ରମାଣ ନ ମିଳିବାରୁ ପୁଲିସ ତାଙ୍କୁ ଛାଡ଼ି ଦେଇଛି। ଆବଶ୍ୟକ ପଡ଼ିଲେ ତଦନ୍ତରେ ସହଯୋଗ କରିବାକୁ ଲିଜାଙ୍କୁ ଡକାଯିବ ବୋଲି ପୁଲିସ କହିଛି। ସେପଟେ ଲିଜାଙ୍କୁ ଛାଡ଼ି ଦେଲେ ଘଟଣାର କେହି ପ୍ରତ୍ୟକ୍ଷଦର୍ଶୀ ନ ଥିବାରୁ ଲିଜାଙ୍କୁ 'ରାଜସାକ୍ଷୀ' କରିବାକୁ ଯୋଜନା କରାଯାଇଛି। ଭାରତୀୟ ନାଗରିକ ସୁରକ୍ଷା ସଂହିତା (ବିଏନ୍ଏସ୍ଏସ୍) ଧାରା ୧୮୦ ଆଧାରରେ ଲିଜାଙ୍କ ବୟାନ ରେକର୍ଡ କରିଛି ପୁଲିସ। ଖୁବଶୀଘ୍ର ବିଏନ୍ଏସ୍ଏସ୍ ଧାରା ୧୮୩ ଅନୁସାରେ ମାଜିଷ୍ଟ୍ରେଟଙ୍କ ଦ୍ୱାରା ଲିଜାଙ୍କ ବୟାନ ରେକର୍ଡ ହେବ ବୋଲି ଜଣାପଡ଼ିଛି।

### କେମିତି ଘଟିଥିଲା ହତ୍ୟାକାଣ୍ଡ

ଗତ ରବିବାର ରାତିରେ ଦିନେଶ ଫୋନ୍ କରିଥିଲେ ମଧ୍ୟ ଲିଜା ଉଠାଇନଥିଲେ। ଦିନେଶ ସନ୍ଦେହରେ ଜଗତସିଂହପୁରରୁ ଆସି ରାତି ପ୍ରାୟ ଗୋଟାଏ ବେଳେ ନିଳାଦ୍ରୀ ବିହାରସ୍ଥିତ ଭଡ଼ା ଘରେ ପହଞ୍ଚିଥିଲେ। ଘର ଭିତରେ ଲିଜାଙ୍କ ସହ ଅନ୍ୟ କେହି ଥିବା ସନ୍ଦେହ କରି ବାହାର ପଟରୁ ତାଲା ପକାଇ ଦେଇଥିଲା। ଏହା ସହିତ ନିକଟରୁ ଏକ ଛୁରି ଯୋଗାଡ଼ କରି ପୁଣି ଘର ନିକଟକୁ ଫେରିଥିଲା। ତାଲା ଖୋଲିବା ପରେ ଲିଜାଙ୍କ ସହ ପ୍ରେମ ସମ୍ପର୍କକୁ ନେଇ ଦିନେଶ ଓ ସତ୍ୟବ୍ରତ ମଧ୍ୟରେ ଝଗଡ଼ା ହୋଇଥିଲା। ଉଭୟ ପେଲା ଠେଲା ହେବା ଭିତରେ ଦିନେଶ ଛୁରିରେ ସତ୍ୟବ୍ରତଙ୍କ ଗଳା କାଟି ଦେଇଥିଲା। ସତ୍ୟବ୍ରତ ଜୀବନ ବଞ୍ଚାଇବାକୁ ଦୌଡୁଥିବା ବେଳେ ପଛରେ ଲିଜା ଓ ଦିନେଶ ପିଛା କରୁଥିଲେ। ପ୍ରାୟ ୫୦୦ ମିଟର ଦୌଡ଼ିବା ପରେ ମଙ୍ଗଳା ମନ୍ଦିର ନିକଟରେ ଅଚେତ ହୋଇ ପଡ଼ିଯାଇଥିଲେ। ଲିଜା ଓ ସ୍ଥାନୀୟ ଲୋକେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ନେଇଥିଲେ ମଧ୍ୟ ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ। ସେପଟେ ଦିନେଶ ଘଟଣାସ୍ଥଳରୁ ଫେରାର ହୋଇ ନେମାଳ ଓ ଧାନପୁର ଅଞ୍ଚଳରେ ବୁଲାବୁଲି କରିଥିଲା। ପୁଲିସ ତା'ର ଏରସମାସ୍ଥିତ ଘରେ ଚଢ଼ଉ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ଗତକାଲି ସେ ଜଗତସିଂହପୁର ପୁଲିସ ପାଖରେ ଆତ୍ମସମର୍ପଣ କରିବା ପରେ କମିସନରେଟ ପୁଲିସ ଭୁବନେଶ୍ୱର ଆଣିଥିଲା।

---

● ଭାରତରେ ପ୍ରଥମ; ଦୁଇ ମାସରେ ସରିଲା ଶୁଣାଣି

## ବ୍ରାଉନ୍ସୁଗର ମାଫିଆକୁ ୧୦ ବର୍ଷ ଜେଲଦଣ୍ଡ



ଭୁବନେଶ୍ୱର, ୧୧।୨ (ସମିସ): ବାଙ୍କୁଆଳରୁ ବ୍ରାଉନସୁଗର ଜବତ ମାମଲାର ରାୟ ଆଜି ପ୍ରକାଶ ପାଇଛି। ଭୁବନେଶ୍ୱର ସ୍ଥିତ ଆଡିସନାଲ୍ ସେସନ୍ସ ଜଜ୍-୨ର ବିଚାରପତି ବନ୍ଦନା କର ମାମଲାର ବିଚାରକରି କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗାର ପପୁ ଓରଫ୍ ପ୍ରକାଶ ସେଠୀକୁ ଦୋଷୀ ସାବ୍ୟସ୍ତ କରି ସଜା ଶୁଣାଇଛନ୍ତି। ଏନଡିପିଏସ୍ ମାମଲାରେ ଚାର୍ଜଫ୍ରେମ୍ ର ମାତ୍ର ୨ ମାସ ମଧ୍ୟରେ ମାମଲାର ରାୟ ପ୍ରକାଶ ପାଇବା ଭାରତବର୍ଷରେ ପ୍ରଥମ ବୋଲି କୁହାଯାଉଛି।

ସୂଚନା ଅନୁସାରେ, ଗତବର୍ଷ ମେ' ମାସ ୨୧ ତାରିଖ ଦିନ ପପୁ ବ୍ରାଉନସୁଗର ଧରି ଭୁବନେଶ୍ୱର ଆସିଥିଲା। ବାଙ୍କୁଆଳ ନିକଟରେ ଡେଲିଭେରୀ କରିବାକୁ ଅପେକ୍ଷା କରିଥିବା ବେଳେ ସ୍ୱତନ୍ତ୍ର ଟାସ୍କ ଫୋର୍ସ (ଏସଟିଏଫ୍) ତତ୍କାଳୀନ ସବ୍ ଇନ୍ସପେକ୍ଟର ଅଜୟ କୁମାର ଦାସ ଓ ଅନ୍ୟ ପୁଲିସ କର୍ମଚାରୀମାନେ ଚଢ଼ଉ କରିଥିଲେ। ସେଠାରୁ ପପୁକୁ ଗିରଫ କରିବା ସହ ୩୩୩ ଗ୍ରାମ ଓଜନର ବ୍ରାଉନସୁଗର ଜବତ କରିଥିଲେ। ସବ୍ ଇନ୍ସପେକ୍ଟର ଶ୍ରୀ ଦାସଙ୍କ ଅଭିଯୋଗ ଆଧାରରେ ଏସଟିଏଫ୍ କେସ୍ ନଂ - ୧୧/୨୫ରେ ଏନଡିପିଏସ୍ ଆକ୍ଟ ଲଗାଇ ମାମଲା ରୁଜୁ କରିଥିଲା। ତଦନ୍ତକାରୀ ଅଧିକାରିଣୀ ଡିଏସପି ସରିତା ବେଉରିଆ ଅଭିଯୁକ୍ତ ପପୁକୁ କୋର୍ଟ ଚାଲାଣ କରିବା ସହ ତା' ବିରୋଧରେ ଚାର୍ଜସିଟ୍ ଦାଖଲ କରିଥିଲେ। ଅଦାଲତ ଘଟଣା ସହିତ ସଂପୃକ୍ତ ୯ଜଣ ସାକ୍ଷୀ ଓ ୯୯ଟି ଦସ୍ତାବିଜ ଆଧାରରେ ମାମଲାର ବିଚାର କରି ଅଭିଯୁକ୍ତ ପପୁକୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଅଭିଯୁକ୍ତକୁ ୧୦ ବର୍ଷ ସଜା ଶୁଣାଇବା ସହ ଏକଲକ୍ଷ ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ କ୍ଷେତ୍ରରେ ଏକଲକ୍ଷ ଟଙ୍କା ଜେଲ୍ ଦଣ୍ଡାଦେଶ ଶୁଣାଇଛନ୍ତି। ସ୍ୱତନ୍ତ୍ର ସରକାରୀ ଓକିଲ ରଶ୍ମିରଞ୍ଜନ ବ୍ରହ୍ମା ସରକାରଙ୍କ ପକ୍ଷରୁ ଏହି ମାମଲାକୁ ପରିଚାଳନା କରୁଥିଲେ।

● ମୋରମ ଖଣି ଉପରେ ଚଢାଉ

## ଜେସିବି ମେସିନ ଜବତ; ଦୁଇ ଗିରଫ



ଯାଁଳା, ୧୧।୨(ସମିସ) ଗତକାଲି ବିଳମ୍ବିତ ରାତିରେ ଇନଫୋଭ୍ୟାଲି ଥାନା ଅନ୍ତର୍ଗତ ଯାଁଳା ଅଞ୍ଚଳରେ ମୋରମ ଖଣି ଉପରେ ଚଢାଉ କରି ପୁଲିସ ଦୁଇ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଇନଫୋଭ୍ୟାଲି ଥାନା ଦେଉଳିଆପାଟଣା ଗ୍ରାମର ସୁଧାଂଶୁ ଜୟସିଂ ଓରଫ ସିଫା ଓ ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ଖଲିସାହିର ଜିତେନ୍ଦ୍ର ସେଠି। ବେଆଇନ ଭାବେ ମୋରମ ଖନନରେ ଲିପ୍ତ ଥିବା ଗୋଟିଏ ଜେସିବି ମେସିନ ଜବତ କରିବା ସହ ଆଜି ଦୁଇ ଅଭିଯୁକ୍ତଙ୍କୁ ଅଦାଲତ ଚାଲାଣ କରିଛି ପୁଲିସ।

ମିଳିଥିବା ସୂଚନା ଅନୁସାରେ ମଙ୍ଗଳବାର ବିଳମ୍ବିତ ରାତିରେ ଯାଁଳା ଲୁମ୍ବିନୀ ଆପାର୍ଟମେଣ୍ଟର ପଛପଟେ ବେଆଇନ ଭାବେ ମୋରମ ଖୋଳା ଯାଉଥିବା ଏକ ଖବର ଇନଫୋଭ୍ୟାଲି ଥାନା ପୁଲିସ ପାଇଥିଲେ। ତୁରନ୍ତ ଏକ ଦଳ ଉକ୍ତ ଖଣି ଉପରେ ଚଢାଉ କରିଥିଲେ। ଚଢାଉ ବେଳେ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ସେଠାରୁ ଏକ ଜେସିବି ମେସିନ ଜବତ କରିଥିଲେ।

● ବାଲକାଟି ବଜାରରେ ଜବରଦଖଲ ଉଚ୍ଛେଦ

## ମାଟିରେ ମିଶିଲା ୭୫ ଦୋକାନ ଘର

ବାଲିଅନ୍ତା, ୧୧।୨(ସମିସ): ବାଲିଅନ୍ତା ତହସିଲ ପକ୍ଷରୁ ଆଜି ବାଲକାଟି ବଜାରରେ ବହୁ ବେଆଇନ ନିର୍ମାଣ ଏବଂ ସରକାରୀ ଜମି ଜବରଦଖଲ ଉଚ୍ଛେଦ ହୋଇଛି। ପାଖାପାଖି ୭୫ ବେଆଇନ ନିର୍ମାଣ ଯଥା ହୋଟେଲ, ଜଳଖିଆ ଦୋକାନ ଭଳି ୭୫ ଦୋକାନ ଘର ବୁଲ ଡୋଜର ଲଗାଇ ପ୍ରଶାସନ ଭାଙ୍ଗି ଦେଇଛି। ତହସିଲଦାର ଲିଲନ ପ୍ରସାଦ ସାହୁଙ୍କ ଉପସ୍ଥିତିର ୫ଟି ବୁଲଡୋଜର ଉଚ୍ଛେଦ କାର୍ଯ୍ୟରେ ନିୟୁକ୍ତ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରତାପଶାସନ ରାଜସ୍ୱ ନିରୀକ୍ଷକ ରଶ୍ମିରଞ୍ଜନ ସାହୁ, ଅତିରିକ୍ତ ତହସିଲଦାର ନୀଳ ମାଧବ ମହାନ୍ତି, ଅତିରିକ୍ତ ତହସିଲଦାର ଜି. ଲକ୍ଷ୍ମୀ ଦେବୀ, ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ମନୋରଞ୍ଜନ ମହାପାତ୍ର, ସହକାରୀ ନିର୍ବାହୀ ଯନ୍ତ୍ରୀ ରାଜେନ୍ଦ୍ର ସାହୁ, ତହସିଲ ସୁପର ଭାଇଜର ଅମରେନ୍ଦ୍ର ମହାରଥି ପ୍ରମୁଖ ସାମିଲ ହୋଇଥିଲେ। ଥାନା ଅଧିକାରୀ ଅନୀଲ ପରିଡ଼ାଙ୍କ ନେତୃତ୍ୱରେ ବାଲକାଟି ଫାଣ୍ଡି ଅଧିକାରୀ ପ୍ରସନ୍ନ ଜେନାଙ୍କ ସମେତ ୩ ପ୍ଲାଟୁନ ପୁଲିସ ଫୋର୍ସ ଶାନ୍ତିଶୃଙ୍ଖଳା ପାଇଁ ନିୟୋଜିତ ହୋଇଥିଲେ। ଅନ୍ୟ ୪ଟି ବିଲଡିଂ ମାଲିକ କୋର୍ଟର ଦ୍ୱାରସ୍ଥ ହୋଇଥିବାରୁ ଉଚ୍ଛେଦ ହୋଇପାରି ନାହିଁ।

---

## ଜୟଦେବ ବିହାର-କଳିଙ୍ଗ ହସ୍ପିଟାଲ ରାସ୍ତାର ମଧ୍ୟଭାଗ ହେବ ସୌନ୍ଦର୍ଯ୍ୟକରଣ

● ନାଲ୍କୋ ଫାଉଣ୍ଡେସନ୍ ଟ୍ରଷ୍ଟ ସହ ବିଏମ୍ସିର ବୁଝାମଣା

ଭୁବନେଶ୍ୱର, ୧୧।୨(ସମିସ): ଆହୁରି ସବୁଜ ସୁନ୍ଦର ହେବ ଭୁବନେଶ୍ୱର। ଜୟଦେବ ବିହାରର ଛକରୁ କଳିଙ୍ଗ ହସପିଟାଲ ଛକ ପର୍ଯ୍ୟନ୍ତ ରାସ୍ତାର ମଧ୍ୟ ଭାଗ (ମେଡିଆନ୍) ସୌନ୍ଦର୍ଯ୍ୟକରଣ କରିବ ନାଲ୍କୋ ଫାଉଣ୍ଡେସନ୍ ଟ୍ରଷ୍ଟ। ଏ ନେଇ ଆଜି ଭୁବନେଶ୍ୱର ମହାନଗର ନିଗମ (ବିଏମ୍ସି) ଏବଂ ନାଲକୋ ଫାଉଣ୍ଡେସନ୍ ଟ୍ରଷ୍ଟ ମଧ୍ୟରେ ଏକ ବୁଝାମଣା ପତ୍ର (ଏମଓୟୁ) ସ୍ୱାକ୍ଷରିତ ହୋଇଯାଇଛି। ଭୁବନେଶ୍ୱରର ଦୁଇଟି ପ୍ରମୁଖ ଅଞ୍ଚଳ ଜୟଦେବ ବିହାରରୁ କଳିଙ୍ଗ ହସ୍ପିଟାଲ୍ ଛକ ପର୍ଯ୍ୟନ୍ତ ରାସ୍ତାର ମଧ୍ୟଭାଗ ୨, ୫୦୦ ବର୍ଗମିଟର୍ ଏବଂ ଜୟଦେବ ବିହାର ଜଙ୍ଗସନ୍ ଚାରିପାଖର ୧, ୦୬, ୫୨୪ ବର୍ଗମିଟର ବିସ୍ତୃତ ଲ୍ୟାଣ୍ଡସ୍କେପ୍ ଅଞ୍ଚଳକୁ ସବୁଜୀକରଣ ଓ ସୌନ୍ଦର୍ଯ୍ୟକରଣ କରାଯିବ। ଏହି କାର୍ଯ୍ୟକ୍ରମରେ ମେୟର ସୁଲୋଚନା ଦାସ, କମିଶନର ଚଞ୍ଚଳ ରାଣାଙ୍କ ଉପସ୍ଥିତିରେ ଅତିରିକ୍ତ କମିଶନର କୈଳାସ ଚନ୍ଦ୍ର ଦାସ, ନାଲକୋ ଚିଫ୍ ଅପରେଟିଂ ଅଫିସର ସୁବ୍ରତ କୁମାର କର ଏହି ଏମ୍ଓୟୁରେ ସ୍ୱାକ୍ଷର କରିଛନ୍ତି।

## ଘର ଭିତରୁ ଯୁବତୀଙ୍କ ଝୁଲନ୍ତା ମୃତଦେହ ଠାବ

ଭୁବନେଶ୍ୱର, ୧୧।୨ (ସମିସ): ଶୈଳଶ୍ରୀ ବିହାର ଅଞ୍ଚଳରେ ଥିବା ଏକ ଘରୁ ଯୁବତୀଙ୍କ ଝୁଲନ୍ତା ମୃତଦେହ ଠାବ କରିଛି ଚନ୍ଦ୍ରଶେଖରପୁର ଥାନା ପୁଲିସ। ମୃତକ ହେଉଛନ୍ତି ଜଗତସିଂହପୁରର ଯଶୋଦା ମଲ୍ଲିକ (୨୨)। ଅଭିଯୋଗ ଆଧାରରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସୂଚନା ଅନୁସାରେ, ଯଶୋଦା ସ୍ଥାନୀୟ ଏକ ଘରୋଇ ଡାକ୍ତରଖାନାରେ ନର୍ସିଂ କର୍ମଚାରୀ ଭାବେ କାମ କରୁଥିବା ବେଳେ ଶୈଳଶ୍ରୀ ବିହାର ସେକ୍ଟର ୫ରେ ଭଡ଼ା ରହୁଥିଲେ। ସବୁଦିନ ଭଳି ଗତକାଲି ରାତିରେ ଖିଆପିଆ କରି ଶୋଇଥିଲେ। ହେଲେ ବୁଧବାର ସକାଳୁ ବିଳମ୍ବିତ ସମୟ ପର୍ଯ୍ୟନ୍ତ ଉଠି ନଥିଲେ। ଘର ମାଲିକ କବାଟ ବାଡ଼?ଇବାପରେ ମଧ୍ୟ କୌଣସି ଉତ୍ତର ଦେଇନଥିଲେ। ଖବରପାଇ ଡାକ୍ତରଖାନା କର୍ମଚାରୀମାନେ ମଧ୍ୟ ପହଞ୍ଚି ଯଶୋଦାଙ୍କୁ ଡାକ ପକାଇଥିଲେ। ହେଲେ କୌଣସି ସୁଫଳ ମିଳିନଥିଲା। ଝରକା ପଟରେ ଦେଖିବା ବେଳକୁ ଯଶୋଦାଙ୍କୁ ଝୁଲନ୍ତା ଅବସ୍ଥାରେ ଦେଖିଥିଲେ। ଖବରପାଇ ଚନ୍ଦ୍ରଶେଖରପୁର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଯଶୋଦାଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିଲା। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

## ମାଲିକ ବାହାର କରିଦେବାରୁ ଗାଡ଼ି ଚୋରିକଲା ଡ୍ରାଇଭର୍



ଭୁବନେଶ୍ୱର, ୧୧।୨ (ସମିସ): ମାଲିକ ଚାକିରିରୁ ବାହାର କରିଦେବାରୁ ଗାଡ଼ି ଚୋରି କରିନେଇଛି ଡ୍ରାଇଭର। କେବଳ ଚୋରି କରିନାହିଁ, ଗାଡ଼ିକୁ ଖଣ୍ଡ ଖଣ୍ଡ କରି କାଟି କବାଡ଼ିଆକୁ ବିକି ଦେଇଛି। ଭିଏସ୍ଏସ୍ ନଗର ଅଞ୍ଚଳରେ ଏଭଳି ଘଟଣା ଘଟିଥିବା ବେଳେ ଅଭିଯୁକ୍ତକୁ ଗିରଫ କରିଛି ସହିଦନଗର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ନରସିଂହପୁର ଥାନା କାକୁଡ଼ିଆର ପ୍ରମୋଦ କୁମାର ଦାଶ ଓରଫ୍ କାଳିଆ (୪୧)।

ପୁଲିସ ସୂଚନାନୁଯାୟୀ, ଗତମାସ ୧୬ ତାରିଖ ଦିନ ପଥରବନ୍ଧ ବସ୍ତିର ବିକ୍ରମ ଲେଙ୍କା ନିଜ ଟାଟାଏସ୍ ଚଲାଇବା ପାଇଁ କାଳିଆକୁ ନିଯୁକ୍ତି ଦେଇଥିଲେ। ଏହାର ଦୁଇ ଦିନ ପରେ କାଳିଆ ନିଶାସକ୍ତ ଅବସ୍ଥାରେ ଉକ୍ତ ଗାଡିକୁ ନେଇ ଏକ କାନ୍ଥରେ ପିଟି ଦେବାରୁ ଗାଡିଟିର ସମ୍ମୁଖ ଭାଗ କ୍ଷତିଗ୍ରସ୍ତ ହୋଇଥିଲା। ବିକ୍ରମ ଉକ୍ତ ଗାଡ଼ିକୁ ଭିଏସ୍ଏସ୍ ନଗର ଶନି ମନ୍ଦିର ନିକଟସ୍ଥ ଗ୍ୟାରେଜରେ ରଖିବା ସହ କାଳିଆକୁ ଚାକିରିରୁ ବହିଷ୍କାର କରି ଦେଇଥିଲେ। କାଳିଆ ସେହିଦିନ ବିଳମ୍ବିତ ରାତିରେ ଗ୍ୟାରେଜରୁ ଉକ୍ତ ଗାଡ଼ିଟିକୁ ଚୋରି କରି ନେଇ ଯାଇଥିଲା। ପରଦିନ ଗାଡ଼ି ନପାଇ ବିକ୍ରମ ସହିଦନଗର ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ପୁଲିସ ଆଖପାଖ ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରି ଚୋରିରେ କାଳିଆର ସମ୍ପୃକ୍ତି ପାଇଥିଲା। ଥିଲେ। ଆଜି ଝାରପଡ଼ା ଅଞ୍ଚଳରୁ କାଳିଆକୁ ଗିରଫ କରିଥିଲା। ସୃ ଗାଡ଼ିକୁ ଗ୍ୟାରେଜରୁ ଚୋରି କରି ନେଇ ଗାଁକୁ ଚାଲିଯିବା ଗ୍ୟାସ୍ କଟରରେ କାଟି ଜଣେ କବାଡ଼ିଆ ଟ୍ରଲି ବାଲାକୁ ବିକ୍ରି କରିଦେଇଥିବା ପୁଲିସ ଆଗରେ ସ୍ୱୀକାର କରିଥିଲା।

---

## ମାଛ ବ୍ୟବସାୟ ଆଳରେ ୧୩ ଲକ୍ଷ ଠକେଇ



ଭୁବନେଶ୍ୱର, ୧୧।୨ (ସମିସ): ମାଛ ବ୍ୟବସାୟ ଆଳରେ ୧୩ ଲକ୍ଷ ଟଙ୍କା ଠକି ନେଇଥିବା ଧୂର୍ତ୍ତକୁ ଗିରଫ କରିଛି ତମାଣ୍ଡୋ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଜଙ୍କିଆ ଥାନା ଅନ୍ତର୍ଗତ ମାଣିକପୁର ପାଟଣା ଗାଁର ତପନ କୁମାର ଦଳାଇ ଓରଫ୍ ଟୁଲୁ (୩୬)।

ପୁଲିସ ସୂଚନା ମୁତାବକ, ତପନ, ପତ୍ନୀ ସରୋଜିନୀ ଓ ଅଭିଯୁକ୍ତ ସୁଶାନ୍ତ ମହାପାତ୍ର ଓରଫ୍ ବାଙ୍କା ମାଛ ବ୍ୟବସାୟ କରିବା ଉଦ୍ଦେଶ୍ୟରେ ସିଜୁପଟରେ ଥିବା ମାନସ କୁମାର ସାହୁଙ୍କ ଦୋକାନକୁ ଭଡ଼ା ସୂତ୍ରରେ ନେଇଥିଲେ। ତପନ ଓ ସରୋଜିନୀ ସେଠାରେ ବ୍ୟବସାୟ କରିବା ମଧ୍ୟରେ ବିବାହ ଅର୍ଡର ପାଇଁ ମାଛ ଯୋଗାଣ ବ୍ୟବସାୟରେ ଟଙ୍କା ନିବେଶ କଲେ ଭଲ ଲାଭ ମିଳିବ ବୋଲି ବିକ୍ରମଙ୍କୁ ପ୍ରଲୋଭିତ କରିଥିଲେ। ୨୦୨୪ ଡିସେମ୍ବର ଠାରୁ ୨୦୨୫ ଫେବୃଆରୀ ମଧ୍ୟରେ ବାଲୁଗାଁରୁ ମାଛ କିଣିବା ଓ ବଡ଼ ଅର୍ଡର ପୂରଣ କରିବା ବାହାନାରେ ମାନସଙ୍କ ଠାରୁ ମୋଟ ୧୩ ଲକ୍ଷ ୩୦ ହଜାର ଟଙ୍କା ନେଇଥିଲେ। ଟଙ୍କା ନେବାର କିଛି ଦିନ ବିତିଯାଇଥିଲେ ମଧ୍ୟ ଠକ ଦମ୍ପତି ଲାଭାଂଶ କି ମୂଳ ଟଙ୍କା ଦେଇନଥିଲେ। ଓଲଟି ମିଛ ପ୍ରତିଶ୍ରୁତି ଦେଇ ଦିନ ଗଡ଼ାଇ ଚାଲିଥିଲେ। ଠକ ଦମ୍ପତି ପ୍ରକୃତ ମାଛ ବ୍ୟବସାୟୀ ନୁହଁନ୍ତି ଓ ପୂର୍ବରୁ ମଧ୍ୟ ଏପରି ଠକେଇ କରିଛନ୍ତି ବୋଲି ମାନସ ଜାଣିବାକୁ ପାଇଥିଲେ। ମାନସ ଅଭିଯୋଗ କରିବା ପରେ ତମାଣ୍ଡୋ ଥାନା ପୁଲିସ ମାମଲା ରୁଜୁ କରିଥିଲା। ଏହାପରେ ଦମ୍ପତି ଥାନାରେ ହାଜର ହୋଇ ନିଜ ଦୋଷ ସ୍ୱୀକାର କରିବା ସହ ଜୟନ୍ତ ମାର୍ଥାଙ୍କ ମାଧ୍ୟମରେ ମାତ୍ର ୧ ଲକ୍ଷ ୮୦ ହଜାର ଟଙ୍କା ଫେରାଇଥିଲେ ଓ ୧୫ ଦିନ ମଧ୍ୟରେ ବାକି ଟଙ୍କା ଫେରସ୍ତ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ତାହା ପୂରଣ କରିନଥିଲେ। ବୁଧବାର ତମାଣ୍ଡୋ ଥାନା ପୁଲିସ ତପନକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ଲୋକସେବା ଭବନ କ୍ୟାଣ୍ଟିନ ପରିଚାଳନା ନେଇ ଉଦ୍‌ବେଗ

ଭୁବନେଶ୍ୱର, ୧୧।୨(ସମିସ): ଲୋକସେବା ଭବନ ପରିସରରେ ଚାଲୁଥିବା କ୍ୟାଣ୍ଟିନ୍ ଗୁଡ଼ିକରେ ପରିଷ୍କାର ପରଚ୍ଛନ୍ନତା, ଗୁଣାତ୍ମକ ମାନର ଖାଦ୍ୟର ଉପଲବ୍ଧତା ଓ ଉତ୍ତମ ପରିଚାଳନା ସମ୍ପର୍କରେ ଏକ ସମୀକ୍ଷା ବୈଠକ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ଏଷ୍ଟେଟ୍ ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ ବିଜୟ କୁମାର ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ବିଭାଗୀୟ ରେଣ୍ଟ ଅଫିସ୍ ଦ୍ୱାରା ଲିଜ୍ ଦିଆଯାଇଥିବା ସ୍ଥାନଗୁଡ଼ିକରେ ଚାଲୁଥିବା ବିଭିନ୍ନ କ୍ୟାଣ୍ଟିନ୍ ଗୁଡ଼ିକ ସଚିବାଳୟ କର୍ମଚାରୀ ଓ ଆଗନ୍ତୁକଙ୍କୁ ସୁଲଭ ଦରରେ, ପରିଷ୍କାର ପରଚ୍ଛନ୍ନତାର ସହ ଉତ୍ତମ ପରିବେଶ ମଧ୍ୟରେ ଗୁଣାତ୍ମକ ମାନର ଖାଦ୍ୟ ଯୋଗାଇବା କଥା। କିନ୍ତୁ ଏ କ୍ଷେତ୍ରରେ କ୍ୟାଣ୍ଟିନ୍‌ଗୁଡ଼ିକର ପରିଚାଳନା ଆଶାନୁରୂପ ହେଉ ନ ଥିବା ବୈଠକରେ ଉପସ୍ଥିତ ରେଣ୍ଟ ଅଧିକାରୀ ଏବଂ ବିଭାଗର ବରିଷ୍ଠ ଅଧିକାରୀମାନେ ଉଦବେଗ ପ୍ରକାଶ କରିଥିଲେ।

ବିସ୍ତୃତ ଆଲୋଚନା ପରେ କ୍ୟାଣ୍ଟିନ୍ ପରିଚାଳକମାନଙ୍କୁ ଏକ ମାସ ମଧ୍ୟରେ ଅଧିକୃତ ଲିଜି ବା ଚାଳକଙ୍କ ନାମ ଓ ଖାଦ୍ୟର ମଞ୍ଜୁରୀପ୍ରାପ୍ତ ମୂଲ୍ୟତାଲିକା ପ୍ରଦର୍ଶନ, କର୍ମଚାରୀଙ୍କ ପାଇଁ ୟୁନିଫର୍ମ ପୋଷାକ ବ୍ୟବହାର, ଖାଦ୍ୟରେ ଶସ୍ତା ମାନର ତେଲ ବ୍ୟବହାର ବନ୍ଦ କରିବା, ରୋଷେଇ ଗୃହ ଏବଂ ଖାଇବା ଗୃହରେ ଉଚ୍ଚମାନର ପରିଷ୍କାର ପରଚ୍ଛନ୍ନତା ରକ୍ଷା, ଫିଡବ୍ୟାକ୍ ରେଜିଷ୍ଟର୍ ରଖିବା ଓ ୱାଟକୋ ଦ୍ୱାରା ଶୁଦ୍ଧ ପାନୀୟ ଜଳ ବ୍ୟବସ୍ଥା ସ୍ଥାପନ ଭଳି ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି।

---

# ସାମାଜିକ ଗଣମାଧ୍ୟମରେ 'ଅସାମାଜିକ' କାର୍ଯ୍ୟ

ଭୁବନେଶ୍ୱର, ୧୧।୨ (ସମିସ): ଦୈନନ୍ଦିନ ଜୀବନରେ ସାମାଜିକ ଗଣମାଧ୍ୟମ ପ୍ରମୁଖ ଭୂମିକା ନିଭାଉଛି। ଏବେକାର ପିଢ଼ି ସକାଳୁ ଉଠି ମୁହଁ ଧୋଇବା ପୂର୍ବରୁ ଫେସବୁକ୍, ହ୍ୱାଟ୍ସଆପ ଓ ଇନ୍ଷ୍ଟାଗ୍ରାମ ଭଳି ସୋସିଆଲ ମିଡିଆ ବ୍ୟବହାର କରୁଛନ୍ତି। ହେଲେ ଏବେ ସାମାଜିକ ଗଣମାଧ୍ୟମରେ ଅସାମାଜିକ କାର୍ଯ୍ୟକଳାପ ବଢ଼ିବାରେ ଲାଗିଛି। ଅଶ୍ଳୀଳ ଭାଷାରେ ରୋଷ୍ଟିଙ୍ଗ୍ କରିବା ଠାରୁ ଚରିତ୍ର ସଂହାର କରିବାକୁ ମଧ୍ୟ ପଛାଉ ନାହାନ୍ତି। ସାମାଜିକ ଗଣମାଧ୍ୟମ ଯେତିକି ସୁବିଧା ଯୋଗାଉଛି, ସେତିକି ଅକଳରେ ମଧ୍ୟ ପକାଉଛି। ଫଟୋ କେତେକ କ୍ଷେତ୍ରରେ ସାମାଜିକ ଗଣମାଧ୍ୟମ ନୂଆ ଉଦାହରଣ ସୃଷ୍ଟି କରୁଥିବା ବେଳେ ଅଧିକାଂଶ ଲୋକଙ୍କ ପାଇଁ ବୁମେରାଂ ସାବ୍ୟସ୍ତ ହେଉଛି।ନିକଟରେ ଘଟିଥିବା କିଛି ଘଟଣାରୁ ଏଭଳି କଥା ସ୍ପଷ୍ଟ ହୋଇଛି। ଗତବର୍ଷ କ୍ରାଇମବ୍ରାଞ୍ଚ ସୋସିଆଲ ମିଡିଆ ସେଲ୍ସନକୁ ୬୦୦୯ଟି ସାମାଜିକ ଗଣମାଧ୍ୟମ ସମ୍ପର୍କୀତ ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ୩୮୪୭ଟି ଅଭିଯୋଗକୁ ସମାଧାନ କରାଯାଇଛି। ସେହିପରି ୪୧୩ଟି ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ ପୋଷ୍ଟ ଓ ପ୍ରୋଫାଇଲକୁ ବ୍ୟାନ୍ କରିଥିଲା କ୍ରାଇମବ୍ରାଞ୍ଚ।

ମେଲୋଡି କଣ୍ଠଶିଳ୍ପୀ ଭାବେ କାମ କରୁଥିବା ଜଣେ ଯୁବତୀ ସାମାଜିକ ଗଣମାଧ୍ୟମ ଜରିଆରେ ଚନ୍ଦନ ସଂସ୍ପର୍ଶରେ ଆସିଥିଲେ। ଚନ୍ଦନ ଏକ ପ୍ରତିଷ୍ଠିତ ଚ୍ୟାନେଲର ଷ୍ଟୁଡିଓରେ ସଙ୍ଗୀତ ସମ୍ବନ୍ଧୀୟ କାମ କରୁଛି କହି ସଙ୍ଗୀତ ରେକର୍ଡିଂ ଓ ଫଟୋ ସୁଟ୍ କରିବା ବାହାନାରେ ଯୁବତୀଙ୍କୁ ଚନ୍ଦ୍ରଶେଖରପୁର ଥାନା ପୋଖରୀପୁଟ ଭିଜେଲସ୍ଥିତ ଶ୍ରୀ ମାର୍ଗ ଗେଷ୍ଟ ହାଉସକୁ ଡକାଇଥିଲା। ଯୁବତୀ ପହଞ୍ଚିବା ପରେ ପୂର୍ବ ଯୋଜନା ମୁତାବକ ଚନ୍ଦନ ଓ ତାର ବନ୍ଧୁ ପ୍ରସନ୍ନ ମିଶି ତାଙ୍କୁ ଥଣ୍ଡାପାନୀୟରେ ନିଶା ଦେଇ ଦେଇଥିଲେ। ସେ ଚେତା ହରାଇବା ପରେ ଦୁଇ ଜଣ ମିଶି ତାଙ୍କୁ ଦୁଷ୍କର୍ମ କରିଥିଲେ। ଘଟଣାରେ ଚନ୍ଦନ, ପ୍ରସନ୍ନ ଓ କେୟାର ଟେକର ରାଜେଶକୁ ଗିରଫ କରିଥିଲା ମହିଳା ଥାନା ପୁଲିସ। ସେହିପରି ଓଏଲ୍ଏକ୍ସରେ ଚାକିରି ଖୋଜୁଥିବା ଜଣେ ମହିଳା ପର୍ସନାଲ ଆସିଷ୍ଟାଣ୍ଟ ଚାକିରି ବିଜ୍ଞାପନ ଦେଖି ଯୋଗାଯୋଗ କରିଥିଲେ। ନରେଶ ନାମକ ଯୁବକ ତାଙ୍କୁ ଚାକିରି ଦେବାକୁ କହି ଡିଏନ୍ ରିଗାଲିଆ ମଲ୍ ନିକଟକୁ ଡାକିଥିଲା। ସେ ଡିଏନ୍ ରେଗାଲିଆ ମଲ୍ ନିକଟରେ ପହଞ୍ଚିବା ପରେ ସାରଙ୍କ ସହ ସାକ୍ଷାତ କରାଇବା ଆଳରେ ନରେଶ ଏକ ଓୟୋକୁ ନେଇ ସେଠାରେ ଅସଦାଚରଣ କରିଥିଲା। ଅଭିଯୋଗ ପରେ ତମାଣ୍ଡୋ ଥାନା ପୁଲିସ ନରେଶକୁ ଗିରଫ କରିଥିଲା। ଲୋକମାନେ ବାରମ୍ବାର ସୋସିଆଲ ମିଡିଆ ଦ୍ୱାରା କମ୍ ସମୟ ମଧ୍ୟରେ ଅଜଣା ଲୋକଙ୍କୁ ଭରସା କରି ଭୟଙ୍କର ପରିଣାମ ଭୋଗୁଥିଲେ ମଧ୍ୟ ଏହି ଧାରାରେ ବ୍ରେକ୍ ଲାଗି ପାରୁନାହିଁ।





### ଟଙ୍କା ଆଦାୟ ପଛରେ ଫେକ୍ ଆକାଉଣ୍ଟ

ସାମାଜିକ ଗଣମାଧ୍ୟମରୁ ଅନେକ ଫାଇଦା ମିଳୁଥିଲେ ମଧ୍ୟ ଏହାର ଅପବ୍ୟବହାର ବଢ଼ିବାରେ ଲାଗିଛି। ଶିଳ୍ପପତି, କଳାକାର, ଆଇଏଏସ୍, ଆଇପିଏସ୍ମାନଙ୍କର ନକଲି ଆକାଉଣ୍ଟ ଖୋଲୁଛନ୍ତି ଦୁର୍ବୃତ୍ତ। ସେହି ଆକାଉଣ୍ଟରୁ ବିଭିନ୍ନ ବ୍ୟକ୍ତିବିଶେଷଙ୍କୁ ଫ୍ରେଣ୍ଡ ରିକ୍ୱେଷ୍ଟ ପଠାଇ ବନ୍ଧୁତ୍ୱ ଯୋଡୁଛନ୍ତି। ପରବର୍ତ୍ତୀ ସମୟରେ ବିଭିନ୍ନ ଆଳ ଦେଖାଇ ବନ୍ଧୁମାନଙ୍କୁ ଟଙ୍କା ମାଗୁଛନ୍ତି। ପ୍ରତିଷ୍ଠିତ ବ୍ୟକ୍ତି ଟଙ୍କା ମାଗୁଥିବା ଭାବି ଲୋକମାନେ ମଧ୍ୟ ଟଙ୍କା ଦେଇ ଦେଉଛନ୍ତି। ଲକ୍ଷ ଲକ୍ଷ ଟଙ୍କା ହରାଇ ସାରିବା ପରେ ତାହା ଫେକ୍ ଆକାଉଣ୍ଟ ବୋଲି ପରବର୍ତ୍ତୀ ସମୟରେ ଜାଣିବାକୁ ପାଉଛନ୍ତି।

### ଟଙ୍କା ପାଇଁ ଚରିତ୍ର ସଂହାର

ସୋସିଆଲ ମିଡିଆରେ କଣ୍ଟେଣ୍ଟ ସମାଜକୁ ଅନେକ କିଛି ଶିକ୍ଷା ଦେଉଥିବା ବେଳେ କେତେକ ଅସାମାଜିକ ଅଶ୍ଳୀଳ ଭାଷାରେ ରୋଷ୍ଟିଙ୍ଗ୍ କରୁଛନ୍ତି। ଛୋଟ ଛୋଟ କଥାକୁ ନେଇ ଆରମ୍ଭ ହୋଇଥିବା ରୋଷ୍ଟିଙ୍ଗ୍ ସମୟକ୍ରମେ ଉଗ୍ରରୂପ ନେଉଛନ୍ତି। ସୋସିଆଲ ମିଡିଆରେ ଧମକପୂର୍ଣ୍ଣ ପୋଷ୍ଟ କରି ପରବର୍ତ୍ତୀ ସମୟରେ ହାତାହାତି ହେଉଛନ୍ତି। ନିକଟରେ କ୍ୟାପିଟାଲ ହସପିଟାଲରେ ଶିଶୁମୃତ୍ୟୁକୁ ନେଇ ହୋଇଥିବା ଗଣ୍ଡଗୋଳରେ ହିଂସାକୁ ଉସୁକାଇ ଜଣେ ୟୁଟ୍ୟୁବର ମଧ୍ୟ ଗିରଫ ହୋଇଥିଲେ। କଣ୍ଟେଣ୍ଟର ଭିୟୁଜ୍ ଆଧାରରେ ଟଙ୍କା ମିଳୁଥିବାରୁ କିଛି ଲୋକ ସାମାଜିକ ଗଣମାଧ୍ୟମରେ ଅସାମାଜିକ କାର୍ଯ୍ୟ କରିବାକୁ ପଛାଉ ନାହାନ୍ତି। ଏମିତିକି ସାମାଜିକ ଗଣମାଧ୍ୟମରେ ଗୋଟିଏ ପୋଷ୍ଟ ଯୋଗୁଁ ସାମ୍ପ୍ରଦାୟିକ ଉତ୍ତେଜନା ମଧ୍ୟ ସୃଷ୍ଟି ହେଉଛି।





ଜନତା ସବୁ ଜାଣନ୍ତି

# ସାମାଜିକ ବାଟବଣା ବନାମ ଏଆଇ କଟକଣା

ଭୁବନେଶ୍ୱର, ୧୧।୨(ସମିସ): ଏବେ ଯନ୍ତ୍ର ଯୁଗ ଚାଲିଛି। ଆଉ ଏହି ଯନ୍ତ୍ର ଯୁଗକୁ ମନଭରି ଉପଭୋଗ କରୁଛନ୍ତି ଯୁବପିଢ଼ି। ସବୁ ଜିନିଷ ଏବେ ହାତ ପାହାନ୍ତାରେ ଉପଲବ୍ଧ ହେଲାଣି। ଶିକ୍ଷା, ସ୍ୱାସ୍ଥ୍ୟ, ବାଣିଜ୍ୟ ସବୁ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତ୍ତା ବା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ(ଏଆଇ)ର ବ୍ୟବହାର ବଢ଼ୁଛି। ହେଲେ ଯୁବପିଢ଼ିଙ୍କ ଉପରେ ଏଆଇର କ'ଣ ପ୍ରଭାବ ରହିଛି ସେ ସମ୍ପର୍କରେ ଅନେକଙ୍କୁ ଅଜଣା। ଏଆଇର ବ୍ୟବହାର, ଉପକାର ଓ ଅପକାରକୁ ନେଇ ବ୍ୟବହାରକାରୀ ଏବଂ ଯୁବପିଢ଼ିଙ୍କ ଭିନ୍ନ ଭିନ୍ନ ମତ ରହିଛି। କିଏ ଏହାକୁ ଏକ ବରଦାନ ତ କିଏ ବିପଦକୁ ଆହ୍ୱାନ ବୋଲି କହୁଛନ୍ତି।



-ଏଆଇ ଯେତିକି ଭଲ ସେତିକି ଖରାପ। ବିଶେଷ କରି ଏହା ୧୦୦ ଜଣଙ୍କ କାମକୁ ଏକା କରିପାରୁଛି। ଯାହାଦ୍ୱାରା ବେକାରୀ ସମସ୍ୟା ଦିନକୁ ଦିନ ବଢ଼ି ବଢ଼ି ଚାଲିବା ସହ ଆଗକୁ ମଧ୍ୟ ଆହୁରି ବଢ଼ିବ। ତେବେ ଏଆଇ ମାଧ୍ୟମରେ ଅନେକ ମାନସିକ ଚାପ ମଧ୍ୟରେ ରହୁଛନ୍ତି। ବିଶେଷକରି ଛାତ୍ରଛାତ୍ରୀମାନେ ବାଟବଣା ହେବାର ବହୁ ନଜିର୍ ମଧ୍ୟ ରହିଛି। ଏଥିସହିତ ବରିଷ୍ଠମାନେ ଡ଼ିଜିଟାଲ ଆରେଷ୍ଟ ଭଳି ଠକାମୀର ଶିକାର ହେଉଛନ୍ତି। ଏଆଇକୁ ଭଲ ଭାବରେ ଜାଣିବାକୁ ଡ଼ିଜିଟାଲୀ ସାକ୍ଷର ହେବାକୁ ପଡ଼ିବ।

-ଅବିନାଶ ଗୁରୁ, ସାଇବର ଆଇନ୍ ବିଶେଷଜ୍ଞ, ଭୁବନେଶ୍ୱର



-ଏଆଇ ବର୍ତ୍ତମାନର ଯୁବପିଢିଙ୍କ ପାଇଁ ଏକ ଭଲ ସୁଯୋଗ। ଯଦି ଆପଣ ଏକ କଣ୍ଟେଣ୍ଟ କ୍ରିଏଟର ଭାବେ ଏକ ନୂଆ ଚ୍ୟାନେଲ ଖୋଲୁଛନ୍ତି ଏଥିରେ କ'ଣ କଣ୍ଟେଣ୍ଟ ନେଲେ ଭଲ ହେବ। ଏଥିପାଇଁ ସମୀକ୍ଷା କରିବା ସହ ଏକାଧିକ ଭିଡିଓ ଦେଖି ନିଜ ସମୟ ସରିବା ବଦଳରେ ସିଧା ଚାଟ୍‌ଜିପିଟିର ସହାୟତା ନେବାକୁ ପଡୁଛି। କେଉଁ କଣ୍ଟେଣ୍ଟ ତିଆରି କଲେ ଭଲ ଭ୍ୟୁ ଯିବ ସବୁକିଛି ଡାଟା ଗୋଟିଏ ଜାଗାରେ ଚାଟ୍‌ଜିପିଟି ଦେଇଦେଉଛି। ଏଥିରେ ସମୟ ବଞ୍ଚିବା ସହ ଠିକ୍ ତଥ୍ୟ ବି ମିଳିଯାଉଛି। ନିଶ୍ଚିନ୍ତ ଭାବେ ଡିଜିଟାଲ ଦୁନିଆ ପାଇଁ ଏକ ବରଦାନ ବୋଲି କୁହାଯାଇପାରେ।

-ମିଷ୍ଟର ଆଦି, ୟୁଟ୍ୟୁବର



-ସମୟ ଓ ଅର୍ଥକୁ ବଞ୍ଚାଇବା ସହ ଶିକ୍ଷା ଗବେଷଣାଠାରୁ ଆରମ୍ଭ କରି ବୃତ୍ତିଗତ ମାର୍ଗଦର୍ଶନରେ ଛାତ୍ରୀଛାତ୍ରଙ୍କ ପାଇଁ ଏଆଇ ଖୁବ୍ ଉପଯୋଗୀ ସାବ୍ୟସ୍ତ ହେଉଛି। ଟୁଲ୍‌ସ ଏବଂ ସଫ୍ଟୱେର୍ ଡେଭେଲପମେଣ୍ଟରେ ମଧ୍ୟ କୋଡିଂ ପ୍ରକ୍ରିୟାକୁ ସହଜ କରିପାରୁଛି। ବିଶେଷକରି ଆମଭଳି ଅନେକ ଛାତ୍ରଗୋଷ୍ଠୀ ପାଇଁ ବେଶ ଉପଯୋଗୀ ସାବ୍ୟସ୍ତ ହୋଇପାରିଛି।

-ରବିନାରାୟଣ ପ୍ରଧାନ, ସିଏମ୍‌ଏ ଛାତ୍ର, ଭୁବନେଶ୍ୱର



ଏଆଇର ବ୍ୟବହାର ସମୟ ଓ ଅର୍ଥ ଅପଚୟ ମଧ୍ୟ ରୋକିପାରେ। ହେଲେ ଏହାର ଆଉ ଏକ ଦିଗ ହେଉଛି ଏହା ହିନ୍ଦୀ ଓ ଇଂରାଜୀ ବ୍ୟତୀତ ଅନ୍ୟ ଆଞ୍ଚଳିକ ଭାଷାରେ ମଧ୍ୟ ଛାତ୍ରୀଛାତ୍ରଙ୍କ ପାଇଁ ଉତ୍ତର ରଖିପାରୁଛି। ନୂଆ ଅନୁଚ୍ଛେଦ, ପ୍ରବନ୍ଧ କବିତା ଲେଖିବାରେ ବିଭିନ୍ନ ଆପ୍ଲିକେସନ ପିଲାଙ୍କ ପାଇଁ ସହାୟକ ହେଉଛି। ଏପରି କିଛି ଆପ୍ଲିକେସନ ରହିଛି, ଯେଉଁଥିରେ ବିଦ୍ୟାର୍ଥୀମାନେ କୌଣସି ଲେଖାରେ ବ୍ୟାକରଣଗତ ତ୍ରୁଟି ମଧ୍ୟ ସଂଶୋଧନ କରିପାରୁଛନ୍ତି। ଏଥିସହିତ ଛାତ୍ରଛାତ୍ରୀ ଦେଶଦୁନିଆର ଜଣାଅଜଣା ତଥ୍ୟ ମଧ୍ୟ ପାଇପାରୁଛନ୍ତି। ସେହିପରି ଗଣିତରେ ବିଭିନ୍ନ ଜଟିଳ ପ୍ରଶ୍ନର ସମାଧାନ କରିବାରେ ମଧ୍ୟ ଏଆଇର ସହାୟତା ନିଆଯାଉଛି।

-ଅନନ୍ତ ମୁଦୁଲି, କମ୍ପିଟେଟିଭ୍ ଛାତ୍ର, ଭୁବନେଶ୍ୱର



ଏଆଇ ଖରାପ ନୁହେଁ। ମାତ୍ର କିଛି ଲୋକ ଏହାକୁ ଖରାପ କାମ ପାଇଁ ବ୍ୟବହାର କରୁଛନ୍ତି। ଏଣୁ ଏଆଇକୁ ବ୍ୟବହାର କରିବା ନେଇ କିଛି ମାର୍ଗଦର୍ଶିକା ରହିବା ନିହାତି ଦରକାର। ଲୋକଙ୍କ ଗୋପନୀୟତାରେ ଯେପରି କିଛି ଅସୁବିଧା ନହେଉ ସେଥିପ୍ରତି ସରକାର କଡା ନିୟମ ଆଣିଲେ ସମସ୍ତଙ୍କ ପାଇଁ ଏକ ସୁରକ୍ଷା କବଚ ହୋଇପାରିବ।

-ରବିନାରାୟଣ ସ୍ୱାଇଁ, ସିଏମ୍‌ଏ ଛାତ୍ର



ଏଆଇ ଚାଟଜିପିଟ୍ ମାଧ୍ୟମରେ ଘରେ ବସି ଲୋକେ ରୋଗ ବିଷୟରେ ଜାଣିପାରୁଛନ୍ତି। ଏଥିସହିତ ଅପରେସନ୍ କ୍ଷେତ୍ରରେ ବି ଏଆଇର ବହୁଳ ବ୍ୟବହାର କରାଯାଉଛି। ହେଲେ ଏଆଇ ଲୋକଙ୍କୁ ରୋଗ ବିଷୟରେ ସୂଚନା ଦେଉଛି କିନ୍ତୁ ରୋଗୀ ଦେଖିବା କାର୍ଯ୍ୟ କରିପାରୁନାହିଁ। ଯେତିକି ସମୟ ଚାଟ୍‌ଜିପିଟରେ ଦେଇ ରୋଗ ବିଷୟରେ ଜାଣିବାକୁ ପଡୁଛି ସେତିକି ସମୟରେ ଡାକ୍ତରଙ୍କୁ ଦେଖା କରାଇବା ଉଚିତ୍ ପଦକ୍ଷେପ ହୋଇପାରନ୍ତା।

ସତ୍ୟଜିତ୍ ପଣ୍ଡା, ସ୍ୱାସ୍ଥ୍ୟ ମିତ୍ର, କଳିଙ୍ଗ ହସ୍ପିଟାଲ

● ଏସ୍‌ୟୁଜେ ଓଡ଼ିଶାର ଷଷ୍ଠ ବାର୍ଷିକ ଉତ୍ସବ

## ଗଣମାଧ୍ୟମ ବିପନ୍ନ ହେଲେ ଗଣତନ୍ତ୍ର ଦୁର୍ବଳ ହୁଏ




ଭୁବନେଶ୍ୱର, ୧୧।୨(ସମିସ): ଗଣମାଧ୍ୟମ ବିପନ୍ନ ହେଲେ ଗଣତନ୍ତ୍ର ଦୁର୍ବଳ ହୁଏ। ୪ର୍ଥ ସ୍ତମ୍ଭ ଦୋଷ ଦୁର୍ବଳତା ପଦାକୁ ଆଣିଲେ ଅନ୍ୟ ୩ଟି ସ୍ତମ୍ଭ ସୁଦୃଢ ହୋଇଥାଏ। ସାମ୍ବାଦିକମାନଙ୍କ ସର୍ବନିମ୍ନ ଦାବିକୁ ସରକାର ପୂରଣ କରିବା ସହିତ ସେମାନଙ୍କ ସୁରକ୍ଷା ଓ ଜୀବନ ଜୀବିକା ପ୍ରତି ସଚେତନ ରହିଲେ ସାମ୍ବାଦିକମାନେ ଅଧିକ ଉତ୍ସାହିତ ହେବା ସହିତ ସତ୍ୟ ଖବର ପରିବେଷଣ କରିବେ ବୋଲି ଷ୍ଟେଟ ୟୁନିଅନ ଅଫ୍ ଜର୍ଣ୍ଣାଲିଷ୍ଟସ (ଏସୟୁଜେ) ଓଡ଼ିଶାର ଷଷ୍ଠ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ମାନ୍ୟବର ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ମତବ୍ୟକ୍ତ କରିଛନ୍ତି।

ଜୟଦେବ ଭବନଠାରେ ରାଜ୍ୟ ସଭାପତି କୈଳାଶ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ଖୁଣ୍ଟିଆ, ପୁରୀ ଗୋବର୍ଦ୍ଧନ ପୀଠ ଆଦିତ୍ୟ ବାହିନୀ ମୁଖ୍ୟ ମାତୃ ପ୍ରସାଦ ମିଶ୍ର, ଚିକିତ୍ସକ ମାଧବ ନାୟକ, ଏସୟୁଜେ ଉପସଭାପତି ବାସୁଦେବ ତ୍ରିପାଠୀ, ଏନୟୁଜେର ରାଷ୍ଟ୍ରୀୟ ସଂଗଠନ ସମ୍ପାଦକ ଡ. ଚିନ୍ତାମଣି ପାଢ଼ୀ, ଜାତୀୟ ସମ୍ପାଦକ ବବୁଲ ସିଂ, ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ତଥା 'ନନ୍ଦିଘୋଷ ଟିଭି' ସମ୍ପାଦକ ଶିଶିର ଭଟ୍ଟ ମିଶ୍ର ଯୋଗ ଦେଇଥିଲେ। ରାଜ୍ୟ କାର୍ଯ୍ୟକାରୀ ସଭାପତି କୀର୍ତ୍ତି ଚନ୍ଦ୍ର ସାହୁ ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ କରିଥିବାବେଳେ ଉପସଭାପତି ବାସୁଦେବ ତ୍ରିପାଠୀ ସ୍ୱାଗତ ଭାଷଣ ରଖିଥିଲେ ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଶଶୀଭୂଷଣ ଷଡ଼ଙ୍ଗୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ପରେ ପରେ ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ପାଢ଼ୀ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି ଅବସରରେ ସଂଗଠନର ମୁଖପତ୍ର 'ସଙ୍କଳ୍ପ'କୁ ଅତିଥିମାନେ ଉନ୍ମୋଚିନ କରିଥିଲେ। ଏହି କାର୍ଯ୍ୟକ୍ରମ ମୁଖ୍ୟ ସମ୍ପାଦକ ବାସୁଦେବ ତ୍ରିପାଠୀ, ଉପସଭାପତି ରାଧାଶ୍ୟାମ ପ୍ରଧାନ ପ୍ରମୁଖ ସଞ୍ଚାଳନ କରିଥିଲେ। ବରିଷ୍ଠ ଉପ ସଭାପତି ସମରେଶ ମିଶ୍ର ଧନ୍ୟବାଦ ଦେଇଥିଲେ।

## 'ଡ. କେ. ଲକ୍ଷ୍ମୀବାଇଙ୍କୁ ଉପ-ମୁଖ୍ୟମନ୍ତ୍ରୀଙ୍କ ପ୍ରଶଂସା



ଭୁବନେଶ୍ୱର, ୧୧।୨(ସମିସ): ୯୭ ବର୍ଷ ବୟସରେ ଉପନୀତ ଡ. କେ. ଲକ୍ଷ୍ମୀବାଇ ତାଙ୍କ ଜୀବନର ସମ୍ପୂର୍ଣ୍ଣ ସଞ୍ଚୟରୁ ପାଞ୍ଚ ଲକ୍ଷ କି ଦଶ ଲକ୍ଷ ନୁହଁ ଅବିଶ୍ୱସନୀୟ ୩.୪୦ କୋଟି ଟଙ୍କା ଏମ୍ସ ଭୁବନେଶ୍ୱରକୁ ଦାନ କରିଛନ୍ତି। ଏହି ଅର୍ଥ ସମ୍ପୂର୍ଣ୍ଣ ଭାବେ କ୍ୟାନ୍ସରରେ ପୀଡ଼ିତ ଗରିବ ଓ ଅସହାୟ ମହିଳାମାନଙ୍କ ଚିକିତ୍ସା ଏବଂ ଏହି ଘାତକ ରୋଗର ପ୍ରାରମ୍ଭିକ ସନ୍ଧାନ ପାଇଁ ବ୍ୟବହାର କରାଯିବ। ଦଶନ୍ଧି ଦଶନ୍ଧିର ତ୍ୟାଗ ଓ ପରିଶ୍ରମ ବଳରେ ଉପାର୍ଜିତ ଏହି ଅର୍ଥ କଦାପି ବ୍ୟର୍ଥ ଯିବନି ହଜାର ହଜାର କ୍ୟାନ୍ସର ପୀଡିତଙ୍କ ଜୀବନରେ ଆଶାର ଆଲୋକ ନେଇ ଆସିବ ବୋଲି ଏହି ବର୍ଷିଆନ ଡାକ୍ତର ଆଶାବ୍ୟକ୍ତ କରିଛନ୍ତି। ଡ. ଲକ୍ଷ୍ମୀବାଇଙ୍କ ବ୍ରହ୍ମପୁରସ୍ଥିତ ତାଙ୍କ ନିବାସକୁ ଯାଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ତାଙ୍କ ଆଶୀର୍ବାଦ ନେବା ସହ 'ସେ କେବଳ ଜଣେ ମାନବ ନୁହଁନ୍ତି; ସେ ଜଣେ ଜୀବନ୍ତ ଇତିହାସ' ବୋଲି ବର୍ଣ୍ଣନା କରିଛନ୍ତି। ବିଦେଶର ସୁବିଧାଜନକ ଜୀବନକୁ ଚୟନ ନକରି, ସେ ଦେଶକୁ ଫେରି ଆସିଥିଲେ ଏବଂ ଓଡ଼ିଶାର ସେ ସମୟର ଅନ୍ୟତମ ପଛୁଆ ଅଞ୍ଚଳରେ ମହିଳାମାନଙ୍କର ଶିକ୍ଷା ଓ ସ୍ୱାସ୍ଥ୍ୟସେବାରେ ନିଜ ଜୀବନଙ୍କ ସମର୍ପିତ କରିଥିଲେ।

## ବ୍ଲକସ୍ତରୀୟ ଜାତୀୟ ଖାଉଟି ସଚେତନତା




ବାଲିଅନ୍ତା, ୧୧।୨(ସମିସ): ଆଇ ୱାଇ ଡବ୍ଲୁ ଡବ୍ଲୁ ପକ୍ଷରୁ ଏକ ଖାଉଟି ସଚେତନ କାର୍ଯ୍ୟକ୍ରମ ବାଲିଅନ୍ତା ବ୍ଲକ କାକରୁଦ୍ରପୁର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଗୃହରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସରପଞ୍ଚ ସସ୍ମିତା ମଲ୍ଲିକ, ସମିତି ସଭ୍ୟା ଲିଲି ପ୍ରଭା ବେହେରା ୟୁନିଅନ ବ୍ୟାଙ୍କ ଅଫ ଇଣ୍ଡିଆ ର ମ୍ୟାନେଜେର ବସନ୍ତ ଯାଦବ, ବୈଧମାପ ବିଜ୍ଞାନ ବିଭାଗ ଖୋର୍ଦ୍ଧା ଜିଲ୍ଲାର ସହ ନିରିକ୍ଷେକ ଅମେରେନ୍ଦ୍ର ସାହୁ, ତାଲିମ ଦାତା ସାଗରିକା ଚିନରା ଓ ଲିଜାଲୀନ ବାରିକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଖାଉଟି ସୁରକ୍ଷା ଆଇନ ଖାଉଟି କର୍ତ୍ତବ୍ୟ ଓ ଗ୍ରାମାଞ୍ଚଳ ରେ ଖାଉଟି ମାନଙ୍କ ର ବ୍ୟାପକ ଅସୁବିଧା ସମ୍ପର୍କ ରେ ଆଲୋଚନା କରିଥିଲେ। ବିଶେଷତଃ ବଜାରରୁ କିଣୁଥିବା ନିତ୍ୟ ବ୍ୟବହାର ଦ୍ରବ୍ୟ ଯଥା ସୁନା, ରୁପା, ଗ୍ୟାସ ସିଲିଣ୍ଡର ଆଦିରେ ଉପଭୋକ୍ତା କିପରି ଠକେଇ ହେଉଛନ୍ତି ତା ସମ୍ପର୍କ ରେ ଅବଗତ କରାଇଥିଲେ। ତତ ସହିତ ଯୋଗଦେଇଥିବା ସମସ୍ତ ପ୍ରତିନିଧି ମାନଙ୍କୁ ଖାଉଟି ସୁରକ୍ଷା ଲିପଫ୍ଲେଟ ମାର୍ଗଦର୍ଶିକା ପୁସ୍ତକ ବଣ୍ଟନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରାନ୍ତରୁ ପ୍ରାୟ ୫୦ଜଣ ପ୍ରତିନିଧି ଯୋଗଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସମ୍ପାଦକ ଶିବପ୍ରସାଦ ପାଟଯୋଶୀ ପରିଚାଳନା କରିଥିଲେ।

## ଟାଟା ପାୱାର ଓଡ଼ିଶା ଡ଼ିସକମ୍ ପକ୍ଷରୁ 'ଅନ୍ତର୍ଜାତୀୟ ବିଜ୍ଞାନ କ୍ଷେତ୍ରରେ ମହିଳା ଓ ବାଳିକା ଦିବସ



ଭୁବନେଶ୍ୱର, ୧୧।୨(ସମିସ) : ସମାବେଶୀ ଅଭିବୃଦ୍ଧି ଏବଂ କାର୍ଯ୍ୟ କ୍ଷେତ୍ରରେ ଉତ୍କର୍ଷତା ପ୍ରତି ନିଜର ପ୍ରତିବଦ୍ଧତାକୁ ଦୋହରାଇ ଟାଟା ପାୱାର ନେତୃତ୍ୱାଧୀନ ଓଡ଼ିଶା ଡିସକମ୍ ଗୁଡ଼ିକ ପକ୍ଷରୁ 'ଅନ୍ତର୍ଜାତୀୟ ବିଜ୍ଞାନ କ୍ଷେତ୍ରରେ ମହିଳା ଓ ବାଳିକା ଦିବସ-୨୦୨୬ ପାଳନ କରାଯାଇଛି।ଏହି ଅବସରରେ ବିଦ୍ୟୁତ ବିତରଣ କ୍ଷେତ୍ରରେ କାର୍ଯ୍ୟରତ ମହିଳା ବୃତ୍ତିଧାରୀମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସମ୍ମାନିତ କରାଯାଇଛି। ମିଟରିଂ ଏବଂ ନେଟୱାର୍କ ପରିଚାଳନାଠାରୁ ଆରମ୍ଭ କରି ତାଲିମ ଏବଂ ଗୁଣବତ୍ତା ନିଶ୍ଚିତ କରିବା ପର୍ଯ୍ୟନ୍ତ, ମହିଳା ଇଞ୍ଜିନିୟର ଏବଂ ଟେକ୍ନିସିଆନ ମାନେ ଓଡ଼ିଶାର ବିଦ୍ୟୁତ ସେବାକୁ ଅଧିକ ଭରସାଯୋଗ୍ୟ, ସ୍ୱଚ୍ଛ ଏବଂ ଗ୍ରାହକମାନଙ୍କ ପାଇଁ ସହଜ କରିବାରେ ବଡ଼ ଭୂମିକା ନେଉଛନ୍ତି। ଏକ ଅଗ୍ରଣୀ ବିଦ୍ୟୁତ ବିତରଣ ସଂସ୍ଥା ଭାବରେ ଟାଟା ପାୱାର ନେତୃତ୍ୱାଧୀନ ଓଡ଼ିଶା ଡିସକମ୍ ବିଶ୍ୱାସ କରେ ଯେ, ଦକ୍ଷ କର୍ମଚାରୀ ମାନଙ୍କ ଦ୍ୱାରା ହିଁ ଶ୍ରେଷ୍ଠ ପ୍ରଦର୍ଶନ କରାଯାଇପାରିବ। ଏକ ସମାବେଶୀ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ କର୍ମଜୀବୀ ଗଠନ କରିବା ଲକ୍ଷ୍ୟରେ, କମ୍ପାନୀ ନିଜର ଚାରୋଟି ଡିସକମ୍ ଯଥା ଟିପିସିଓଡିଏଲ୍ ଟିପିଏସ୍‌ଓଡିଏଲ୍, ଟିପିଡବ୍ଲ୍ୟୁଓଡିଏଲ୍ ଏବଂ ଟିପିଏନ୍‌ଓଡିଏଲ୍ ରେ ମହିଳାମାନଙ୍କୁ ପ୍ରମୁଖ କାର୍ଯ୍ୟରେ ନିୟୋଜିତ କରୁଛି।

## ସମ୍ ପକ୍ଷରୁ ସ୍ପର୍ଶ କୁଷ୍ଠ ସଚେତନତା

ଭୁବନେଶ୍ୱର, ୧୧।୨(ସମିସ): ଦେଶବ୍ୟାପୀ କୁଷ୍ଠରୋଗ ନିରାକରଣ କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମେଡିକାଲ୍ ସାଇନ୍‌ସେସ ଆଣ୍ଡ ସମ ହସ୍ପିଟାଲ୍ ପକ୍ଷରୁ ଏକ ସ୍ପର୍ଶ କୁଷ୍ଠ ସଚେତନତା କାର୍ଯ୍ୟକ୍ରମ ହସ୍ପିଟାଲର ସହରାଞ୍ଚଳ ସ୍ୱାସ୍ଥ୍ୟ ଓ ପ୍ରଶିକ୍ଷଣ କେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି। ଏହି ବ୍ୟାଧିର ପ୍ରାରମ୍ଭିକ ଚିହ୍ନଟ ଏବଂ ସାମାଜିକ ସ୍ତରରେ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ (କୁଷ୍ଠ) ଡ. ରାଜେନ୍ଦ୍ର ମଲ୍ଲିକ, ମେଡିକାଲ୍ ସୁପରିନ୍‌ଟେଣ୍ଡେଣ୍ଟ ପ୍ରଫେସର ଡ.ପୁଷ୍ପରାଜ ସାମନ୍ତସିଂହାର, ହସ୍ପିଟାଲର କମ୍ୟୁନିଟି ମେଡିସିନ୍ ଆଣ୍ଡ ଇନ୍‌ଫେକ୍ସିୟସ ଡିଜିଜେସ୍ ବିଭାଗର ଅଧ୍ୟାପକ ଡ. ଇ. ଭେଙ୍କଟ ରାଓ, ଡାକ୍ତର ସମ୍ବେଦନା ମହାନ୍ତି ପ୍ରମୁଖ ଯୋଗଦେଇ ସ୍ପର୍ଶ କୁଷ୍ଠରୋଗର ସଚେତନତା, କୁଷ୍ଠ ରୋଗର ଶୀଘ୍ର ଚିହ୍ନଟ, ମାଗଣା ଚିକିତ୍ସା ଉପଲବ୍ଧତା ଏବଂ ରୋଗ ସହିତ ସାମାଜିକ କଳଙ୍କ ଦୂର କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ନାଟକ ମାଧ୍ୟମରେ ସ୍ପର୍ଶ କୁଷ୍ଠ ସଚେତନତା ଅଭିଯାନର ଉଦ୍ଦେଶ୍ୟ ଏବଂ ମୁଖ୍ୟ ବାର୍ତ୍ତାଗୁଡ଼ିକ ଉପସ୍ଥାପନ କରାଯାଇଥିଲା।

## ସହରାଞ୍ଚଳ ପ୍ରଶାସନରେ ଏଆଇକୁ ଅଧିକ ସୁଦୃଢ଼ କରାଯିବ

### ଆଇଆଇଟି କାନପୁର ସହ ହାତ ମିଳାଇଲା ନଗର ଉନ୍ନୟନ ବିଭାଗ

ଭୁବନେଶ୍ୱର, ୧୧।୨(ସମିସ): ରାଜ୍ୟର ସହରାଞ୍ଚଳ ପ୍ରଶାସନରେ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ) ବା କୃତ୍ରିମ ବୁଦ୍ଧିମତ୍ତାର ପ୍ରୟୋଗକୁ ଅଧିକ ସୁଦୃଢ଼ କରାଯିବ। ଏନେଇ ବୁଧବାର ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଏବଂ ଆଇଆଇଟି କାନପୁରର 'ଏଆଇଆରଏଡବ୍ଲ୍ୟୁଏଟି ରିସର୍ଚ୍ଚ ଫାଉଣ୍ଡେସନ୍ ମଧ୍ୟରେ ଏକ ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷରିତ ହୋଇଛି। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏଥିରେ ଏଆଇଆରଏଡବ୍ଲ୍ୟୁଏଟି ରିସର୍ଚ୍ଚ ଫାଉଣ୍ଡେସନ୍‌ର ସିଇଓ ଅମର ନାଥ କହିଛନ୍ତି ଯେ, ଏହି ସହଭାଗିତା ମାଧ୍ୟମରେ ଏଆରଏଫ୍ ବିଭାଗର ଏଆଇ ଇନୋଭେସନ ପାର୍ଟନର ଭାବରେ କାର୍ଯ୍ୟ କରିବ ଏବଂ ବୈଷୟିକ ସହାୟତା ପ୍ରଦାନସହ ନଗର ଉନ୍ନୟନ ବିଭାଗ ମଧ୍ୟରେ ଏକ ସ୍ୱତନ୍ତ୍ର ଏଆଇ-ପିଏମୟୁ ପ୍ରତିଷ୍ଠା କରାଯିବ। ସେହିପରି ଏକ ଦୀର୍ଘକାଳୀନ ଏଆଇ ରୋଡମ୍ୟାପ୍ ପ୍ରସ୍ତୁତ କରାଯିବ। ଏହି ସହଭାଗିତା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାରେ ଡ. ସୁବ୍ରତ ବିଶ୍ୱାଳଙ୍କ ନେତୃତ୍ୱରେ 'ଇଜିଓଭି' ଫାଉଣ୍ଡେସନ୍ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଖାରବେଳ ଭବନଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭାଗର ବରିଷ୍ଠ ଅଧିକାରୀ ଏବଂ ଇଜିଓଭ ଟିମ୍‌ର ସଦସ୍ୟମାନେ ଉପସ୍ଥିତ ଥିଲେ।

## ମଞ୍ଚରେ 'ଭକ୍ତ ସାଲବେଗ'



ଭୁବନେଶ୍ୱର, ୧୧।୨(ସମିସ): ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସାଂସ୍କୃତିକ ପରିଷଦର ୪୧ ତମ ବାର୍ଷିକ ଉତ୍ସବରେ ବୁଧବାର ରବୀନ୍ଦ୍ର ମଣ୍ଡପରେ ନାଟକ 'ଭକ୍ତ ସାଲବେଗ' ମଞ୍ଚସ୍ଥ ହୋଇଯାଇଛି। ଏହି ନାଟକର ନିର୍ଦ୍ଦେଶନା ତ୍ରିନାଥ ବାରିକ ଓ ସହ ନିର୍ଦ୍ଦେଶନାରେ ଜିତେନ୍ଦ୍ର ପଟ୍ଟନାୟକ ରହିଥିଲେ। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ବିଭାଗର କମିଶନର ତଥା ଶାସନ ସଚିବ ଆସ୍ୱତୀ ଏସ୍, ଅତିରିକ୍ତ ଶାସନ ସଚିବ ବିଜୟ କୁମାର ଦାସ, ସଭାପତି ଅନନ୍ତ ଚରଣ ମାଝୀ, ସାଧାରଣ ସମ୍ପାଦକ ମହେଶ ବେହେରା ଯୋଗଦେଇଥିଲେ। ବାର୍ଷିକ ମୁଖ ପତ୍ର 'କଲ୍ୟାଣୀ' ଅତିଥିଙ୍କ ମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା।

## 'ଉର୍ଦ୍ଦୁ ମାଧ୍ୟମରେ ବୈଷୟିକ ଶିକ୍ଷା: ସୁଯୋଗ ଓ ଚ୍ୟାଲେଞ୍ଜ' କର୍ମଶାଳା

ଭୁବନେଶ୍ୱର, ୧୧।୨(ସମିସ): ଓଡ଼ିଶା ଉର୍ଦ୍ଦୁ ଏକାଡେମୀ ଏବଂ ମୌଲାନା ଆଜାଦ ଜାତୀୟ ଉର୍ଦ୍ଦୁ ବିଶ୍ୱ ବିଦ୍ୟାଳୟ ପଲିଟେକ୍ନିକର ମିଳିତ ଆନୁକୂଲ୍ୟରେ 'ଉର୍ଦ୍ଦୁ ମାଧ୍ୟମରେ ବୈଷୟିକ ଶିକ୍ଷା:ସୁଯୋଗ ଓ ଚ୍ୟାଲେଞ୍ଜ' ଶୀର୍ଷକ ଏକ ଦିବସୀୟ କର୍ମଶାଳାର ଆୟୋଜନ କରାଯାଇଛି। ଏହି କର୍ମଶାଳାରେ ମୌଲୋନା ଆଜାଦ ଜାତୀୟ ଉର୍ଦ୍ଦୁ ବିଶ୍ୱ ବିଦ୍ୟାଳୟ ପଲିଟେକ୍ନିକର କୁଳପତି ପଦ୍ମଶ୍ରୀ ପ୍ରଫେସର ସୟଦ ଆଇନୁଲ ହସନ, ରେଜିଷ୍ଟ୍ରାର ପ୍ରଫେସର ସେକ୍ ଇସ୍ତିଆକ ଅହମଦ, ଓଡ଼ିଶା ଉର୍ଦ୍ଦୁ ଏକାଡେମୀର ସଭାପତି ଜନାବ ଖାଲିଦ ରହିମ, ସଚିବ ଶୁଚିସ୍ମିତା ମନ୍ତ୍ରୀ ପ୍ରମୁଖ ଯୋଗ ଦେଇଥିଲେ। ଉର୍ଦ୍ଦୁଭାଷୀ ଛାତ୍ରଛାତ୍ରୀମାନଙ୍କ ପାଇଁ ବୈଷୟିକ ଓ ଧନ୍ଦାମୂଳକ ଶିକ୍ଷାକୁ କିପରି ଉର୍ଦ୍ଦୁ ମାଧ୍ୟମରେ ପ୍ରଦାନ କରାଯାଇପାରିବ ଏବଂ ଏହି କ୍ଷେତ୍ରରେ ରହିଥିବା ସୁଯୋଗ ଓ ଚ୍ୟାଲେଞ୍ଜ ସମ୍ବନ୍ଧରେ ଅତିଥିମାନେ ବକ୍ତବ୍ୟ ପ୍ରଦାନ କରିଥିଲେ। କର୍ମଶାଳାରେ ମୌଲାନା

## ମହର୍ଷି ମହିଳା ଡିଗ୍ରୀ ମହାବିଦ୍ୟାଳୟର ବାର୍ଷିକୋତ୍ସବ



ଭୁବନେଶ୍ୱର, ୧୧।୨(ସମିସ): ଶୈଳଶ୍ରୀ ବିହାରସ୍ଥିତ ମହର୍ଷି ମହିଳା ଡିଗ୍ରୀ ମହାବିଦ୍ୟାଳୟର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଡ. ପୁଷ୍ପାଞ୍ଜଳି ସାମନ୍ତରାୟ ଯୋଗଦେଇ ଛାତ୍ରୀମାନେ ଜୀବନରେ ଲକ୍ଷ୍ୟ ଧାର୍ଯ୍ୟ କରି ତାକୁ ପୂରଣ କରିବାକୁ ପ୍ରୋତ୍ସାହିତ କରିଛନ୍ତି। ମୁଖ୍ୟ ବକ୍ତା ଭାବେ ଶିକ୍ଷାବିତ ଡ. ସଦାଶିବ ମହାପାତ୍ର ଯୋଗଦେଇ ପାଠପଢ଼ା ସହ ସୁସ୍ଥ ସମାଜ ଗଠନରେ ଛାତ୍ରୀମାନେ ପ୍ରମୁଖ ଭୂମିକା ଗ୍ରହଣ ଗ୍ରହଣ କରିବେ ବୋଲି ଆଶାବ୍ୟକ୍ତ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କଲେଜର ପୂର୍ବତନ ଅଧ୍ୟକ୍ଷ ହରିଶ ପଟ୍ଟନାୟକ, ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ସୁଶ୍ରୀରେଖା ମହାନ୍ତି ଯୋଗ ଦେଇଥିବା ବେଳେ ଅଧ୍ୟାପିକା ଗୀତାରାଣୀ ଆଚାର୍ଯ୍ୟ ବାର୍ଷିକ ବିବରଣୀ ପାଠ କରିଥିଲେ। ପ୍ରକାଶ ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## 'ଭଜନ କଳିକା'ର ରଚୟିତାଙ୍କ ପରଲୋକ



ଭୁବନେଶ୍ୱର, ୧୧।୨(ସମିସ): ରାଜ୍ୟ ସରକାରଙ୍କ କୃଷି ବିଭାଗର ଅବସରପ୍ରାପ୍ତ କର୍ମଚାରୀ ଦୁର୍ଗାଚରଣ ସାହୁ(୭୯)ଙ୍କ ଗତ ସୋମବାର ପରଲୋକ ହୋଇଯାଇଛି। କେନ୍ଦ୍ରାପଡ଼ାର ଅର୍ଜୁନପୁର ଗ୍ରାମରେ ଜନ୍ମଗ୍ରହଣ କରିଥିବା ଶ୍ରୀ ସାହୁ ପାଇକମାଳ, ଗରଦପୁର, ରଘୁନାଥପୁର କଟକ ଓ ଜଗତସିଂହପୁରରେ ତାଙ୍କ ଶ୍ରେଷ୍ଠ କାର୍ଯ୍ୟ ପାଇଁ ବିଶେଷ ପ୍ରଶଂସା ଲାଭ କରିଥିଲେ। ସେ ପୈତୃକ ଗ୍ରାମରେ ଏକ ରାଧାକୃଷ୍ଣ ମନ୍ଦିରର ପ୍ରତିଷ୍ଠା କରିଥିଲେ। ସେ ଭଜନ କଳିକା ନାମକ ଏକ ପୁସ୍ତକ ରଚନା କରି ବେଶ ଲୋକପ୍ରିୟ ହୋଇପାରିଥିଲେ। ଶେଷ ସମୟରେ ତାଙ୍କ ନିକଟରେ ସହଧର୍ମିଣୀ, ପୁତ୍ର, ପୁତ୍ରବଧୂ, ଝିଅ ଓ ନାତି ନାତୁଣୀ ଉପସ୍ଥିତ ଥିଲେ।

## ରାସ୍ତାକଡ଼ରେ ମାଣ୍ଡିଆ ମହକାଉଛନ୍ତି ପ୍ରଭାତୀ

ଭୁବନେଶ୍ୱର, ୧୧।୨(ସମିସ): ଦିନକୁ ଦିନ ମାଣ୍ଡିଆର ଚାହିଦା ଆଗ ବୃଦ୍ଧି ପାଉଥିବା ଦେଖିବାକୁ ମିଳୁଛି। ସ୍ୱାସ୍ଥ୍ୟ ପ୍ରତି ଲାଭଦାୟକ ହୋଇଥିଲେ ବି ଲୋକ ଏହାକୁ କିଣିବାରେ ଇଚ୍ଛୁକ ନ ଥିଲେ। ହେଲେ ଗତ କିଛି ବର୍ଷ ମଧ୍ୟରେ ଏହାକୁ ଲୋକ ନିଜ ପସନ୍ଦର ଖାଦ୍ୟ ରୂପେ ବାଛିଛନ୍ତି। ଏଥିସହିତ ମହିଳାମାନେ ମାଣ୍ଡିଆରେ ବିଭିନ୍ନ ପ୍ରକାରର ଖାଦ୍ୟ ପ୍ରସ୍ତୁତକରି ଲୋକ ସ୍ୱାବଲମ୍ବୀ ମଧ୍ୟ ହେଉଛନ୍ତି।

ଏହାକୁ ଦୃଷ୍ଟିରେ ରଖି ଲିଙ୍ଗରାଜ ମନ୍ଦିର ନିକଟସ୍ଥ ଗଙ୍ଗା ଯମୁନା ମନ୍ଦିର ରାସ୍ତାରେ ପ୍ରଭାତୀ ରାଉତ ମାଣ୍ଡିଆ ପ୍ରସ୍ତୁତ ଖାଦ୍ୟ ଏବଂ ପାନୀୟ ବିକ୍ରି କରୁଛନ୍ତି। ପୂର୍ବରୁ ଲସି, ଜୁସ୍ ଏବଂ ଛାଞ୍ଚ୍ ବିକ୍ରି କରି ଆସୁଥିବାବେଳେ ସମୟକ୍ରମେ ତାର ଚାହିଦା ବଢ଼ିବାରୁ ମାଣ୍ଡିଆ ପ୍ରସ୍ତୁତ ଅନ୍ୟ ଖାଦ୍ୟ ତଥା ମାଣ୍ଡିଆର ଇଡ୍‌ଲି, ଚକୁଳି, ମାଣ୍ଡିଆ ଭେଜିଟେବଲ ଇଡଲିକୁ ପରେ ସାମିଲ କରିଛନ୍ତି। ଏ ସମ୍ପର୍କରେ ସେ କୁହନ୍ତି ମିଶନଶକ୍ତି, ମିଲେଟ ମିଶନ୍ ମାଧ୍ୟମରେ ମହିଳାଙ୍କ ଦ୍ୱାରା ପ୍ରସ୍ତୁତ ମାଣ୍ଡିଆ ତଥା ମିଲେଟ୍ ଫୁଡ୍‌ର ପ୍ରଚାର ପ୍ରସାର ଫଳରେ ଏବେ ତାହାର ଉପକାରିତା ଲୋକେ ବୁଝିଲେଣି। ଫଳରେ ମାଣ୍ଡିଆ ପ୍ରସ୍ତୁତ ସାମଗ୍ରୀର ଚାହିଦା ବଢ଼ିବାରେ ଲାଗିଛି। ତାକୁ ନଜରରେ ରଖି ସେ ପାଖାପାଖି ୩ ବର୍ଷ ହେବ ନିଜର ଏକ ସ୍ୱତନ୍ତ୍ର ଷ୍ଟଲ ଆରମ୍ଭ କରିଥିଲେ। ଯାହା ଏବେ ଲୋକଙ୍କ ଆଦର ସାଉଁଟିବା ସହ ମାଣ୍ଡିଆର ଏପରି ଅନ୍ୟ ଖାଦ୍ୟ ପ୍ରସ୍ତୁତ କରିବାରେ ପ୍ରେରଣା ଦେଇଛି। ଏସ୍‌ଏଚ୍‌ଜି ମହିଳାମାନଙ୍କ ସହ ମିଶି ସେ ମଧ୍ୟ କିଛି ସ୍ଥାନରେ ଏପରି ଷ୍ଟଲ୍‌ରେ ସହଯୋଗ କରିଥାନ୍ତି। ମାଣ୍ଡିଆ ସାହାଯ୍ୟରେ ସେ ନିଜକୁ ସ୍ୱାବଲମ୍ବୀ କରିପାରିଛନ୍ତି। ଯାହା ଆଜି ତାଙ୍କ ପାଇଁ ସ୍ୱତନ୍ତ୍ର ପରିଚୟ ପାଲଟିଛି। ସେ ପ୍ରସ୍ତୁତ କରୁଥିବା ମାଣ୍ଡିଆର ଖାଦ୍ୟ ଏବଂ ପାନୀୟର ଯଥା, ଲସିର ମୂଲ୍ୟ ୩୦ ଟଙ୍କା ହୋଇଥିଲାବେଳେ ଜୁସ୍‌ର ଦାମ୍ ୨୦ ଓ ଛାଞ୍ଚ୍‌ର ଦାମ ମଧ୍ୟ ୨୦ ଟଙ୍କା ରହିଛି। ସେହିଭଳି ଖାଦ୍ୟର ମୂଲ୍ୟ ମଧ୍ୟ ସମାନ ୩୦ ଟଙ୍କ ରହିଛି। ମାଣ୍ଡିଆ ଲସିର ଲୋକଙ୍କୁ ସବୁଠୁ ଅଧିକ ପସନ୍ଦ ଆସୁଛି ବୋଲି ସେ କହିଥିଲେ। ସେହିପରି ଡାଇବେଟିସ୍ ଲୋକଙ୍କ ପାଇଁ ମଧ୍ୟ ସେଠାରେ ବିନା ମିଠା ମାଣ୍ଡିଆ ଜାଉ ଓ ଆମ୍ବ ପୋଦିନା ମିଶ୍ରିତ ମାଣ୍ଡିଆର ଛାଞ୍ଚ୍ ମିଳୁଛି। ପ୍ରତ୍ୟେକଦିନ ସକାଳ ୮ ରୁ ୧୧ଟା ଯାଏଁ ତାଙ୍କ ଦୋକାନ ଖୋଲିଥାଏ। ଯେଉଁଥିରେ ଦିନକୁ ପାଖାପାଖି ହଜାରରୁ ୧୫ ଶହ ଟଙ୍କା ଲାଭ ମିଳିଥାଏ। ଆଖପାଖ ଅଞ୍ଚଳ ବ୍ୟତୀତ ସହରର ଅନେକ ସ୍ଥାନରୁ ଲୋକ ଏଠାକୁ ଆସି ମାଣ୍ଡିଆ ପ୍ରସ୍ତୁତ ଖାଦ୍ୟ ଏବଂ ପାନୀୟକୁ ଖୋଜୁଛନ୍ତି ବୋଲି ସେ କହିଥିଲେ।



**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୦.୫୮ • ପାଉଣ୍ଡ ୧୨୪.୧୬
- ୟୁରୋ ୧୦୮.୦୫ • ୟେନ୍ ୦.୫୭

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୪୩,୮୨୦ (ନୂଆଦିଲ୍ଲୀ)
- ରୁପା : ୨,୬୪,୫୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୪,୨୩୩.୦୦
- ନିଫ୍ଟି ୨୫,୯୫୩.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



## ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି

# ତାଲିକାରୁ ହଟିଲା ଡାଲି

**ନୂଆଦିଲ୍ଲୀ, ୧୧।୨ (ଏଜେନ୍ସି):** ଆମେରିକା ଭାରତ ସହିତ ବାଣିଜ୍ୟ ଚୁକ୍ତିର ଫ୍ୟାକ୍ଟଶିଟ୍ ବା ତଥ୍ୟପତ୍ରରେ ସାମାନ୍ୟ ସଂଶୋଧନ କରିଛି। ଏହି ପରିବର୍ତ୍ତନଗୁଡ଼ିକ ଭାରତ ପାଇଁ ଲାଭଦାୟକ ବୋଲି କୁହାଯାଉଛି। ବସ୍ତବରେ ହ୍ୱାଇଟ୍ ହାଉସ୍ ବାଣିଜ୍ୟ ଚୁକ୍ତି ତଥ୍ୟପତ୍ରରେ କିଛି ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ କରିଛି। ପୂର୍ବ କିଛି ତଥ୍ୟପତ୍ରକୁ ହଟାଇ ଦିଆଯାଇଥିବାବେଳେ ସେଥିରେ ଥିବା କିଛି ଶବ୍ଦ ପରିବର୍ତ୍ତନ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମଧ୍ୟରେ ଆଲୋଚନା ପରେ ଏହି ଚୁକ୍ତି ଗତ ସପ୍ତାହରେ ଘୋଷଣା କରାଯାଇଥିଲା। ସେହି ସମୟରେ, ହ୍ୱାଇଟ୍ ହାଉସ୍ ଏକ ତଥ୍ୟପତ୍ର ପ୍ରକାଶ କରିଥିଲା, ଯେଉଁଥିରେ କିଛି ଜିନିଷ ଥିଲା ଯାହା ଭାରତ ପାଇଁ ସମସ୍ୟା ସୃଷ୍ଟି କରିପାରେ। ଏହାକୁ ନେଇ ମଧ୍ୟ ଦେଶରେ ସରକାରଙ୍କ ବିରୁଦ୍ଧରେ ବିରୋଧୀ ପ୍ରଶ୍ନ ଉଠାଇଥିଲେ। କିନ୍ତୁ ବର୍ତ୍ତମାନ ଆମେରିକା ସେହି ତଥ୍ୟପତ୍ରକୁ ଅପଡେଟ୍ କରିଛି। ବାଣିଜ୍ୟ ଚୁକ୍ତିନାମା ତଥ୍ୟପତ୍ରରୁ ଅନେକ ଜିନିଷ ହଟାଇ ଦିଆଯାଇଛି କିମ୍ବା ଶବ୍ଦ ପରିବର୍ତ୍ତନ କରାଯାଇଛି। ଏଥିରେ କରାଯାଇଥିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ହେଉଛି ଡାଲି ସମ୍ବନ୍ଧୀୟ। ଦ୍ୱିତୀୟ ପ୍ରମୁଖ ପରିବର୍ତ୍ତନ ହେଉଛି ଟ୍ରମ୍ପ ପ୍ରଶାସନକୁ ୫୦୦ ବିଲିୟନ ଡଲାରର କ୍ରୟ ପ୍ରତିଶ୍ରୁତି।

ବାଣିଜ୍ୟ ଚୁକ୍ତି ସମୟରେ ଆମେରିକାରୁ ଭାରତ ୫୦୦ ବିଲିୟନ ଡଲାରର ସାମଗ୍ରୀ କ୍ରୟ ପ୍ରତିଶ୍ରୁତି ଦେଇଥିବା କୁହାଯାଉଛି। ଭାରତ-ଆମେରିକା ବାଣିଜ୍ୟ ଚୁକ୍ତିର ତଥ୍ୟ ପତ୍ରରେ ପୂର୍ବରୁ କୁହାଯାଇଥିଲା ଯେ ଭାରତ 'ପ୍ରତିବଦ୍ଧ', ଅର୍ଥାତ୍ ଏହା ଆମେରିକାରୁ ୫୦୦ ବିଲିୟନ ଡଲାର ମୂଲ୍ୟର ସାମଗ୍ରୀ କ୍ରୟ କରିବାକୁ ପ୍ରତିଶ୍ରୁତି ଦେଇଥିଲା। ବର୍ତ୍ତମାନ, ଏହି ଶବ୍ଦଟିକୁ 'ଇଣ୍ଟେଣ୍ଡ' ରେ ପରିବର୍ତ୍ତନ କରାଯାଇଛି, ଅର୍ଥାତ୍ ଏ ନେଇ ଭାରତ ସରକାର ଆଗ୍ରହୀ। ଆହୁରିମଧ କୃଷି ଉତ୍ପାଦ" ମଧ କ୍ରୟ ତାଲିକାରୁ ହଟାଇ ଦିଆଯାଇଛି। ବର୍ତ୍ତମାନ, କେବଳ ଶକ୍ତି, ଆଇସିଟି, କୋଇଲା ଏବଂ ଅନ୍ୟାନ୍ୟ ଉତ୍ପାଦ ସମ୍ପର୍କରେ ତାଲିକାରେ ଉଲ୍ଲେଖ କରାଯାଇଛି। ଏହାର ଅର୍ଥ ହେଉଛି ଆମେରିକାର କୃଷି ଉତ୍ପାଦ କ୍ରୟ କରିବା ପାଇଁଭାରତ ଉପରେ କୌଣସି ଚାପ ନାହିଁ। ସଂଶୋଧନ ପରେ ଏବେ ଲେଖାଯାଇଛି ଯେ, ଭାରତ ଅଧିକ ଆମେରିକୀୟ ଉତ୍ପାଦ କିଣିବାକୁ ଏବଂ ୫୦୦ ବିଲିୟନ ଡଲାରରୁ ଅଧିକ ମୂଲ୍ୟର ଆମେରିକୀୟ ଶକ୍ତି, ସୂଚନା ଏବଂ ଯୋଗାଯୋଗ ପ୍ରଯୁକ୍ତିବିଦ୍ୟା, କୋଇଲା ଏବଂ ଅନ୍ୟାନ୍ୟ ଉତ୍ପାଦ ଆମଦାନୀ କରିବାକୁ ଚାହୁଁଛି।

ଏହାବ୍ୟତୀତ, ଅପଡେଟ୍ ହୋଇଥିବା ହ୍ୱାଇଟ୍ ହାଉସ୍ ତଥ୍ୟ ପତ୍ରରେ ଭାରତର ଡିଜିଟାଲ୍ ସେବା ଟିକସ ହଟାଇବା ସହିତ ଜଡିତ ପାଠ୍ୟ ମଧ୍ୟ ହଟାଇ ଦିଆଯାଇଛି। ପୂର୍ବ ଲେଖାରେ କୁହାଯାଇଥିଲା, ଭାରତ ଏହାର ଡିଜିଟାଲ୍ ସେବା ଟିକସ ହଟାଇବ ଏବଂ ଡିଜିଟାଲ୍ ବାଣିଜ୍ୟରେ ବୈଷମ୍ୟମୂଳକ କିମ୍ବା ଭାରୀ ଅଭ୍ୟାସ ଏବଂ ଅନ୍ୟାନ୍ୟ ପ୍ରତିବନ୍ଧକକୁ ସମାଧାନ କରୁଥିବା ଦୃଢ଼ ଦ୍ୱିପାକ୍ଷିକ ଡିଜିଟାଲ୍ ବାଣିଜ୍ୟ ନିୟମ ଆଲୋଚନା କରିବାକୁ ପ୍ରତିବଦ୍ଧ, ଯେଉଁଥିରେ ଇଲେକ୍ଟ୍ରୋନିକ୍ ଟ୍ରାନ୍ସମିସନ୍ ଉପରେ ସୀମା ଶୁଳ୍କ ଲାଗୁ କରିବା ନିଷେଧ ନିୟମ ଅନ୍ତର୍ଭୁକ୍ତ। ତଥ୍ୟ ପତ୍ରରେ ଡାଲି ଉପରେ ଶୁଳ୍କ ହ୍ରାସ ନ କରିବା ନିଷ୍ପତ୍ତି ଭାରତୀୟ ଚାଷୀଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ। ଆମ ଦେଶରେ ଡାଲି ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଫସଲ। ଯଦି ଆମେରିକୀୟ ଡାଲି ଶସ୍ତା ହୋଇଥାନ୍ତା, ତେବେ ଭାରତୀୟ ଚାଷୀମାନେ କ୍ଷତି ସହିଥାନ୍ତେ। ବର୍ତ୍ତମାନ ସେହି ବିପଦ ଟଳିଯାଇଥିବା କୁହାଯାଉଛି। ଆମେରିକା-ଭାରତ ଯେତେବେଳେ ବାଣିଜ୍ୟ ଚୁକ୍ତିନାମା ପ୍ରଥମେ ଘୋଷଣା କରାଯାଇଥିଲା,ସେଥିରେ ଥିବା କିଛି ବିନ୍ଦୁ ଅଧିକ କଠୋର ମନେ ହେଉଥିଲା। ସେତେବେଳେ ବିରୋଧୀ ଅଭିଯୋଗ କରିଥିଲେ ଯେ, ବାଣିଜ୍ୟ ଚୁକ୍ତିରେ ସରକାର ଟ୍ରମ୍ପ ପ୍ରଶାସନ ନିକଟରେ ଭାରତର ସ୍ୱାର୍ଥ ସହ ସାଲିସ୍ କରିଛନ୍ତି।

### ଆମେରିକା ଚୁପ୍‌ଚାପ୍ ବଦଳାଇଦେଲା ଫ୍ୟାକ୍ଟସିଟ୍

### ୫୦୦ ବିଲିୟନ୍ ଡଲାର ଖରିଦାରୀ କ୍ଲଜ୍‌ରେ ପରିବର୍ତ୍ତନ



## ଟାଟାକୁ ପଛରେ ପକାଇ ଏସ୍‌ବିଆଇ ଦେଶର ଚତୁର୍ଥ ବଡ଼ କମ୍ପାନୀ

**ନୂଆଦିଲ୍ଲୀ,୧୧।୨(ଏଜେନ୍ସି):** ଭାରତୀୟ ସେୟାର ବଜାରରେ ବୁଧବାର ଏକ ବଡ଼ ପରିବର୍ତ୍ତନ ଦେଖିବାକୁ ମିଳିଛି। ଦେଶର ସର୍ବବୃହତ ରଷ୍ଟ୍ରାୟତ୍ତ ବ୍ୟାଙ୍କ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ) ବଜାର ପୁଞ୍ଜି ମାମଲାରେ ଆଇଟି କମ୍ପାନି ଟାଟା କନସଲ୍ଟାନ୍ସି ସର୍ଭିସେସ୍(ଟିସିଏସ୍)କୁ ପଛରେ ପକାଇ ଦେଇଛି। ପ୍ରଭାବଶାଳୀ ତ୍ରୈମାସିକ ଫଳାଫଳ ବଳରେ ଦେଶର ଏହି ସର୍ବବୃହତ ବ୍ୟାଙ୍କର ସେୟାରରେ ବୃଦ୍ଧି ଘଟିବା ଯୋଗୁ ଏହା ରିଲାଏନ୍ସ, ଏଚଡିଏଫସି ବ୍ୟାଙ୍କ ଏବଂ ଭାରତୀ ଏୟାରଟେଲ୍ ପରେ ଦେଶର ଚତୁର୍ଥ ସବୁଠାରୁ ମୂଲ୍ୟବାନ କମ୍ପାନୀରେ ପରିଣତ ହୋଇଛି।

ବୁଧବାର କାରବାର ଶେଷରେ ଏସ୍‌ବିଆଇର ପ୍ରତିଟି ସେୟାର ମୂଲ୍ୟ ୧,୧୮୩ଟଙ୍କାରେ ବନ୍ଦ ହୋଇଛି।ସେହିପରି ଏନ୍‌ଏସ୍‌ଇରେ ଏହା ୧,୧୮୧.୧୦ ଟଙ୍କାରେ ବନ୍ଦ ହୋଇଛି, ଯେଉଁଥିରେ ୩.୨୩ ପ୍ରତିଶତ ବୃଦ୍ଧି ପାଇଛି। ଦିନର କାରବାର ସମୟରେ ବ୍ୟାଙ୍କର ସେୟାରରେ ନିବେଶକଙ୍କ ଉତ୍ସାହ ଦେଖାଯାଇଥିଲା ଏବଂ ଏହା ପ୍ରାୟ ଚାରି ପ୍ରତିଶତ ବୃଦ୍ଧି ପାଇ ୫୨ ସପ୍ତାହର ସର୍ବାଧିକ ସ୍ତର ୧,୧୮୭.୭୦ ଟଙ୍କାରେ ପହଞ୍ଚିଛି। ଏହି ବୃଦ୍ଧି କମ୍ପାନୀର ସାମଗ୍ରିକ ମୂଲ୍ୟାଙ୍କନ ଉପରେ ପ୍ରଭାବ ପକାଇଥିଲା। ଏସ୍‌ବିଆଇର ବଜାର ମୂଲ୍ୟ ଦିନର କାରବାର ଶେଷରେ ୧୦,୯୧,୯୮୨.୦୬ କୋଟି ଟଙ୍କାରେ ପହଞ୍ଚିଥିଲା। ଏହାର ବିପରୀତରେ, ଟିସିଏସ ସେୟାର ୨.୫ ପ୍ରତିଶତ ହ୍ରାସ ପାଇ ଏହାର ବଜାର ମୂଲ୍ୟ ୧୦,୫୨,୬୪୬.୩୮ କୋଟି ଟଙ୍କାକୁ ହ୍ରାସ ଘଟିଥିଲା। ଏହି ପରିବର୍ତ୍ତନ ପରେ ବଜାର ପୁଞ୍ଜି ଦୃଷ୍ଟିରୁ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଦେଶର ସବୁଠାରୁ ମୂଲ୍ୟବାନ କମ୍ପାନୀ ହୋଇ ରହିଛି। ଟିସିଏସ୍ ବର୍ତ୍ତମାନ ୫ମ ସ୍ଥାନକୁ ଖସିଆସିଛି। ତାଲିକାରେ ଅନ୍ୟ କମ୍ପାନୀ ମଧ୍ୟରେ ଆଇସିଆଇସିଆଇ ବ୍ୟାଙ୍କ, ବଜାଜ୍ ଫାଇନାନ୍ସ, ଇନ୍‌ଫୋସିସ୍, ହିନ୍ଦୁସ୍ତାନ ୟୁନିଲିଭର ଏବଂ ଲାର୍ସନ୍ ଆଣ୍ଡ ଟୁବ୍ରୋ ଭଳି କମ୍ପାନୀ ଯଥାକ୍ରମେ ପଛକୁ ପଛ ରହିଛନ୍ତି।

### ପର୍ଯ୍ୟାପ୍ତ ଯାତ୍ରୀ ଅଭାବ

## ଦୁଇ ରୁଟ୍‌ରେ ବନ୍ଦ ହେବ ବନ୍ଦେ ଭାରତ ଟ୍ରେନ୍

**ନୂଆଦିଲ୍ଲୀ,୧୧।୨(ଏଜେନ୍ସି):** ଦେଶର ରେଳବାଇ ଇତିହାସରେ ବନ୍ଦେ ଭାରତ ଟ୍ରେନ୍ ଏକ ନୂତନ ମାଇଲଖୁଣ୍ଟ। ଏହା ଦେଶର ବିଭିନ୍ନ ସ୍ଥାନରେ ଆରମ୍ଭ ହୋଇସାରିଛି। ଅନେକ ରୁଟ୍‌ରେ ଆହୁରି ନୂତନ ଟ୍ରେନ୍ ପ୍ରଚଳନ କରିବାକୁ ପ୍ରସ୍ତୁତି ଚାଲିଛି। ହେଲେ ଏବେ ଦେଶର ଦୁଇଟି ରୁଟ୍‌ରେ ରେଳବାଇ ଏହି ବନ୍ଦେ ଭାରତ ଟ୍ରେନ୍ ର ଚଳାଚଳ ବନ୍ଦ କରିବାକୁ ଯାଉଛି। ଏହାର ମୁଖ୍ୟ କାରଣ ହେଉଛି, ଏହି ଦୁଇ ରୁଟ୍‌ରେ ବନ୍ଦେ ଭାରତ ଟ୍ରେନ୍ ନିମନ୍ତେ ପର୍ଯ୍ୟାପ୍ତ ଯାତ୍ରୀ ନ ହେବା ଯୋଗୁ ରେଳବାଇକୁ ଏପରି ନିଷ୍ପତ୍ତି ନେବାକୁ ପଡିଛି।

ଉତ୍ତର ପଶ୍ଚିମ ରେଳବାଇ ଅନୁଯାୟୀ, ଚଳିତ ସପ୍ତାହରେ ଦୁଇଟି ବନ୍ଦେ ଭାରତ ଟ୍ରେନ୍ ର ଚଳାଚଳ ବନ୍ଦ କରାଯିବ। ଏହି ଦୁଇଟି ଟ୍ରେନ୍ ପୂର୍ବରୁ ଉଦୟପୁର ସହର-ଆଗ୍ରା କ୍ୟାଣ୍ଟ ଏବଂ ଉଦୟପୁର ସହର-ଜୟପୁର ରୁଟ୍‌ରେ ଚାଲିଥିଲା। ରେଳବାଇ କହିଛି ଯେ ଟ୍ରେନ ନମ୍ବର ୨୦୯୮୧/୮୨ (ଉଦୟପୁର ସିଟି-ଆଗ୍ରା କ୍ୟାଣ୍ଟ-ଉଦୟପୁର ସିଟି) ବନ୍ଦେ ଭାରତ ଏକ୍ସପ୍ରେସ ୧୫ ଫେବୃଆରୀରୁ ଚଳାଚଳ ବନ୍ଦ ହୋଇଯିବ, ଯେତେବେଳେ କି ଟ୍ରେନ ନମ୍ବର ୨୦୯୭୯/୮୦ (ଉଦୟପୁର ସିଟି-ଜୟପୁର-ଉଦୟପୁର ସିଟି) ବନ୍ଦେ ଭାରତ ଏକ୍ସପ୍ରେସ ୧୪ ଫେବୃଆରୀରୁ ଚଳାଚଳ ବନ୍ଦ ହୋଇଯିବ।



ରେଳବାଇ ଏହି ଦୁଇଟି ବନ୍ଦେ ଭାରତ ଟ୍ରେନକୁ କାହିଁକି ବନ୍ଦ କରାଯାଉଛି ସେ ବିଷୟରେ କୌଣସି ସ୍ପଷ୍ଟ ସୂଚନା ପ୍ରଦାନ କରିନାହିଁ। ଗଣମାଧ୍ୟମ ରିପୋର୍ଟ ଅନୁସାରେ, ଏହି ଟ୍ରେନ ଦ୍ୱୟର ରୁଟ୍ ପରିବର୍ତ୍ତନ କରିବା ବିଷୟରେ ଆଲୋଚନା ହେଉଛି। ତଥାପି, ସଂଶୋଧିତ ରୁଟ୍ ସମ୍ପର୍କରେ କିଛି ଚୂଡ଼ାନ୍ତ ନିଷ୍ପତ୍ତି ହୋଇନାହିଁ। ଏପରି କିଛି ଅନୁମାନ ମଧ୍ୟ କରାଯାଉଛି ଯେ ଏହି ରୁଟ୍‌ଗୁଡ଼ିକରେ ବନ୍ଦେ ଭାରତ ଟ୍ରେନଗୁଡ଼ିକ ପର୍ଯ୍ୟାପ୍ତ ଯାତ୍ରୀଙ୍କୁ ଗ୍ରହଣ କରୁନାହିଁ। ଏହି ଦୁଇଟି ଟ୍ରେନ ବନ୍ଦ ହେବାର କାରଣ ମଧ୍ୟ ଏହା। ରେଳବାଇ ବୋର୍ଡ ଏକ ନୂତନ ବନ୍ଦେ ଭାରତ ଟ୍ରେନ ଚଳାଚଳକୁ ମଧ୍ୟ ମଞ୍ଜୁରୀ ଦେଇଛି। ବର୍ତ୍ତମାନ ଦେଶର ୮୨ଟି ରୁଟରେ ୧୬୪ ଟି ଟ୍ରେନ୍ ଚଳାଚଳ କରୁଛି।

## ଏବେ ଡାକ ସେବକ ଆଣିବେ ମ୍ୟୁଚୁଆଲ୍ ଫଣ୍ଡ

### ଗାଁ ଗାଁରେ ପହଞ୍ଚିବ ନିବେଶ ସମ୍ବନ୍ଧୀୟ ସେବା

### ଏନ୍‌ଏସ୍‌ଇ ସହ ଡାକ ବିଭାଗର ସହଭାଗିତା

**ନୂଆଦିଲ୍ଲୀ, ୧୧।୨ (ଏଜେନ୍ସି):** ଭାରତରେ ମ୍ୟୁଚୁଆଲ୍ ଫଣ୍ଡ କାରବାର କ୍ରମାଗତ ଭାବରେ ଲୋକପ୍ରିୟତା ହାସଲ କରିବାରେ ଲାଗିଛି। ଏହି ନିବେଶ ବିକଳ୍ପଗୁଡ଼ିକ ବର୍ତ୍ତମାନ ମହାନଗର ଅଞ୍ଚଳ ବାହାରେ ଏବଂ ଗ୍ରାମ ଏବଂ ଛୋଟ ସହରଗୁଡ଼ିକରେ ପହଞ୍ଚିବାରେ ଲାଗିଛି। ଭାରତରେ ଆର୍ଥିକ ଅନ୍ତର୍ଭୁକ୍ତିକରଣକୁ ଆହୁରି ସୁଦୃଢ଼ କରିବା ଦିଗରେ ଏକ ପ୍ରମୁଖ ପଦକ୍ଷେପ ସ୍ୱରୂପ, ଦେଶର ଅଗ୍ରଣୀ ଷ୍ଟକ୍ ଏକ୍ସଚେଞ୍ଜ ନ୍ୟାସନାଲ୍ ଷ୍ଟକ୍ ଏକ୍ସଚେଞ୍ଜ ଅଫ୍ ଇଣ୍ଡିଆ ଲିମିଟେଡ୍ (ଏନ୍‌ଏସ୍‌ଇ), ଡାକ ବିଭାଗ (ଡିଓପି) ସହିତ ଏକ ଗୁରୁତ୍ୱପୂର୍ଣ୍ଣ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷର କରିଛି। ଏହି ଚୁକ୍ତିନାମା ଡାକ ବିଭାଗର ବ୍ୟାପକ ନେଟୱାର୍କ ମାଧ୍ୟମରେ ଗ୍ରାମୀଣ ଏବଂ ଅର୍ଦ୍ଧ-ସହରୀ ଅଞ୍ଚଳର ଲୋକଙ୍କ ପାଖରେ ମ୍ୟୁଚୁଆଲ୍ ଫଣ୍ଡ ଉତ୍ପାଦଗୁଡ଼ିକର ପହଞ୍ଚ ବୃଦ୍ଧି କରିବା ଲକ୍ଷ୍ୟ ରଖିଛି।




ଡାକ ବିଭାଗ ସାରା ଦେଶରେ ୧,୬୪,୦୦୦ରୁ ଅଧିକ ଡାକ ଘରର ବିଶାଳ ନେଟୱାର୍କ ବ୍ୟବହାର କରି ଏନ୍‌ଏସ୍‌ଇ ସହିତ ସହଯୋଗ କରିବ। ମ୍ୟୁଚୁଆଲ୍ ଫଣ୍ଡ କାରବାର ପରିଚାଳନା ପାଇଁ ଏନ୍‌ଏସ୍‌ଇର ଏକ ଦୃଢ଼ ଅନ୍‌ଲାଇନ୍ ସିଷ୍ଟମ୍ ଅଛି, ଯାହା ସେବି ନିୟମ ଅନୁଯାୟୀ ଅର୍ଡର ପ୍ଲେସମେଣ୍ଟରୁ ସେଟେଲମେଣ୍ଟ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ପ୍ରକ୍ରିୟା ପରିଚାଳନା କରେ। ଏହି ସହଭାଗିତାର ଉଦ୍ଦେଶ୍ୟ ହେଉଛି ମ୍ୟୁଚୁଆଲ୍ ଫଣ୍ଡ ଉତ୍ପାଦଗୁଡ଼ିକୁ ଜନସାଧାରଣଙ୍କ ପାଇଁ ସହଜରେ ଉପଲବ୍ଧ କରାଇବା। ଗ୍ରାମୀଣ ଏବଂ ଅର୍ଦ୍ଧ-ସହରାଞ୍ଚଳରେ ରହୁଥିବା ଲୋକମାନେ ଏହା ଦ୍ୱାରା ବିଶେଷ ଭାବରେ ଲାଭବାନ ହେବେ। ଏହି ଚୁକ୍ତିନାମା ଅନୁଯାୟୀ, ମନୋନୀତ ଡାକ ବିଭାଗର କର୍ମଚାରୀମାନଙ୍କୁ ତାଲିମ ଦିଆଯିବ ଏବଂ ତା'ପରେ ସାର୍ଟିଫାଏଡ୍ ମ୍ୟୁଚୁଆଲ୍ ଫଣ୍ଡ ବିତରକ କରାଯିବ। ଏହି କର୍ମଚାରୀମାନେ ଆବଶ୍ୟକୀୟ ପ୍ରମାଣପତ୍ର ହାସଲ କରିବା ଏବଂ ନିୟମାବଳୀ ପାଳନ କରିବା ପରେ ଏନ୍‌ଏସ୍‌ଇ ପ୍ଲାଟଫର୍ମ ମାଧ୍ୟମରେ ମ୍ୟୁଚୁଆଲ୍ ଫଣ୍ଡ ଉତ୍ପାଦ ଏବଂ ନିବେଶ-ସମ୍ବନ୍ଧୀୟ ସେବା ପ୍ରଦାନ କରିପାରିବେ।

## 'ଏସିଆନ୍ ପେଣ୍ଟସ ହୋୟାର ଦି ହାର୍ଟ ଇଜ୍'ର ପ୍ରତ୍ୟାବର୍ତ୍ତନ

**ମୁମ୍ବଇ,୧୧।୨(ସମିସ):** ଏସିଆନ୍ ପେଣ୍ଟସ ତା'ର ଅତ୍ୟନ୍ତ ଆଦରଣୀୟ ହୋମ୍ ଡି'କୋର ଏବଂ କାହାଣୀ କଥନକାରୀ ସିରିଜ୍ ଏସିଆନ୍ ପେଣ୍ଟସ ହୋୟାର ଦି ହାର୍ଟ ଇଜ୍'ର ୯ମ ସିଜନ୍ ସହିତ ପ୍ରତ୍ୟାବର୍ତ୍ତନ କରିଛି। ଚଳିତ ସିଜନ୍‌ରେ କେତେକ ସର୍ବାଧିକ ପ୍ରଶଂସିତ ବ୍ୟକ୍ତିବିଶେଷ ଯଥା: ସୋନାକ୍ଷୀ ସିହ୍ନା ଓ ଜାହିର ଇକ୍‌ବାଲ, ଗୌତମ ଗମ୍ଭୀର, କୀର୍ତ୍ତି ସୁରେଶ ଓ ଆଣ୍ଟୋନୀ ଥାଟିଲ, ଅର୍ଚ୍ଚନା ପୂରନ୍ ସିଂ ଓ ପରମିତ ସେଠୀ ଏବଂ ଅମନ ଓ ପ୍ରିୟା ଗୁପ୍ତାଙ୍କ ୫ଟି ସ୍ୱତନ୍ତ୍ର ବାସଗୃହ ସ୍ଥାନ ପାଇଛି। ପ୍ରତ୍ୟେକଟି ବାସଗୃହ ଷ୍ଟାଇଲ୍ ଭୌଗୋଳିକ ସ୍ଥିତି ଏବଂ ବ୍ୟକ୍ତିତ୍ୱ ଦୃଷ୍ଟିକୋଣରୁ ଭିନ୍ନ ଭିନ୍ନ ହୋଇଥିଲେ ମଧ୍ୟ ସେଗୁଡିକ ଆଦର, ସଚ୍ଚୋଟତା ଏବଂ ମଜଭୁତ ଭାବଗତ ସଂଯୁକ୍ତିକୁ ସହଭାଗୀତା କରୁଛନ୍ତି। ଦର୍ଶକମାନେ ଏହିସବୁ ସ୍ଥଳଗୁଡିକୁ ପ୍ରବେଶ କରୁଛନ୍ତି ଯାହା ସେମାନଙ୍କୁ ବାସ-କରିବା ଏବଂ ବ୍ୟକ୍ତିଗତ ଭାବଧାରାର ଗଭୀର ଅନୁଭବ ପ୍ରଦାନ କରୁଛି, ସେଗୁଡିକ ମଧ୍ୟରୁ ପ୍ରତ୍ୟେକଟି ସେଠାରେ ବାସ କରୁଥିବା ବ୍ୟକ୍ତିବିଶେଷଙ୍କ ଦ୍ୱାରା ନିର୍ଦ୍ଦିଷ୍ଟ ରୂପ ପାଇଛି। ଅର୍ଚ୍ଚନା ଓ ପରମିତ୍ ଦର୍ଶକମାନଙ୍କୁ ମାଧ୍ୟସ୍ଥିତ ସେମାନଙ୍କର ଆଙ୍ଗ୍‌ଲୋ-ସ୍ପାନିଶ୍ ପ୍ରେରିତ ବାସଗୃହ ମଧ୍ୟକୁ ସ୍ୱାଗତ କରୁଛନ୍ତି।

## କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ୫୩ ତମ ବାର୍ଷିକ ଉତ୍ସବ




**କଟକ, ୧୧।୨(ସମିସ):** କଟକ କେନ୍ଦ୍ର ସମବାୟ ସମିତିର ୫୩ ତମ ବାର୍ଷିକ ସାଧାରଣ ଉତ୍ସବ ସଭାପତି ପ୍ରଭାତ ଚନ୍ଦ୍ର କାନୁନଗୋଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବିଗତ ବର୍ଷରେ ଜମା ସଂଗ୍ରହ ଏବଂ ଋଣ ଲଗାଣ କ୍ଷେତ୍ରରେ ବ୍ୟାଙ୍କ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ବ୍ୟାଙ୍କର ନିଜସ୍ୱ ପାଣ୍ଠି ୬୨୪ କୋଟି ୭୮ ଲକ୍ଷ ଟଙ୍କାରେ ପହଞ୍ଚିଥିବା ଶ୍ରୀ କାନୁନଗୋ କହିଛନ୍ତି। ସେହିପରି ଜମା ସଂଗ୍ରହ ଏବଂ ଋଣ ଲଗାଣ ଯଥାକ୍ରମେ ୨୧୮୩ କୋଟି ୭୧ ଲକ୍ଷ ଟଙ୍କା ଏବଂ ୩୭୮୭ କୋଟି ୧୬ ଲକ୍ଷ ଟଙ୍କାରେ ପହଞ୍ଚିପାରିଛି ଯାହା ବ୍ୟାଙ୍କର ସଫଳତାକୁ ପ୍ରତିପାଦିତ କରୁଛି। କୃଷି ଋଣ ପ୍ରଦାନ ବ୍ୟତୀତ ରାଜ୍ୟ ସରକାର ବିଭିନ୍ନ ପ୍ରକାରର ଅଣ ପାରମ୍ପରିକ ଋଣ ଯଥା ଆର୍ଥିକ ଅନଗ୍ରସର ପରିବାରମାନଙ୍କୁ ନିଜସ୍ୱ ଗୃହ ନିର୍ମାଣ ବା ମରାମତି ପାଇଁ "ମୋ ଘର" ଯୋଜନା, 'ମୋ ସ୍କୁଟର 'ଯୋଜନା , 'ବଳିଆ 'ଯୋଜନା, "ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ" ଯୋଜନା ଇତ୍ୟାଦି ଲୋକାଭିମୁଖୀ କାର୍ଯ୍ୟକ୍ରମ ନିମନ୍ତେ ଋଣ ଯୋଗାଣ ଉପରେ ଗୁରୁତ୍ୱ ଦିଆଯାଇଛି। ଏହି ବାର୍ଷିକ ବୈଠକରେ ଅବିଭକ୍ତ କଟକ ଜିଲ୍ଲାର ୬୯୪ କୃଷି ସମବାୟ ସମିତି ଏବଂ ୬୪୫ ଅଣ କୃଷି ସମବାୟ ସମିତିର ସଭାପତି ଓ ମନୋନୀତ ସଭ୍ୟ ମାନେ ସଭାରେ ଉପସ୍ଥିତ ଥିଲେ। ଏହି ଅବସରରେ ବ୍ୟାଙ୍କର ଉପ-ସଭାନେତ୍ରୀ ଆରତୀ ମହାନ୍ତିଙ୍କ ସମେତ ସମସ୍ତ ନିର୍ଦ୍ଦେଶକ/ନିର୍ଦ୍ଦେଶିକାମାନେ ଉପସ୍ଥିତ ଥିଲେ।

## ଜିନ୍ଦଲ ଷ୍ଟେନଲେସ୍ ହିସାର ୟୁନିଟ୍ ସମ୍ମାନିତ

**ନୂଆଦିଲ୍ଲୀ, ୧୧।୨:** ଜିନ୍ଦଲ ଷ୍ଟେନଲେସ୍‌ର ହିସାର ୟୁନିଟ୍ "ବେଷ୍ଟ କେସ୍ ଷ୍ଟଡି ଅନ ଇଲେକ୍ଟ୍ରିକାଲ ସେଫ୍ଟି ରିସ୍କ ମ୍ୟାନେଜମେଣ୍ଟ (ଲାର୍ଜ)ବର୍ଗରେ ସ୍ୱର୍ଣ୍ଣ ସମ୍ମାନରେ ସମ୍ମାନିତ ହୋଇଛି। ୪ର୍ଥ ଜାତୀୟ ବିଦ୍ୟୁତ ସୁରକ୍ଷା, ବିଦ୍ୟୁତ ଗୁଣବତା ଏବଂ ଭରସାଯୋଗ୍ୟ ସର୍କଲ ପ୍ରତିଯୋଗିତା ଆଭାଷୀ ମାଧ୍ୟମରେ କନଫିଡେରେସନ ଅଫ୍ ଇଣ୍ଡିଆନ ଇଣ୍ଡଷ୍ଟ୍ରି(ସିଆଇଆଇ) ତରଫରୁ ୧୬ ଏବଂ ୧୭ ଡିସେମ୍ବର ୨୦୨୫ରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଅଟୋମୋବାଇଲ୍ସ, ଇଲେକ୍ଟ୍ରିକାଲ ସୁଇଚ୍ ଗିଅର ନିର୍ମାଣ ଏବଂ ଶକ୍ତି ସମେତ ଦେଶର ବିଭିନ୍ନ ଅଗ୍ରଣୀ ସଂସ୍ଥାମାନେ ଅଂଶଗ୍ରହଣ କରିଥିଲେ। ଏହି ସମ୍ମାନ ବିଦ୍ୟୁତ ସୁରକ୍ଷା ବିପତି ପରିଚାଳନା କ୍ଷେତ୍ରରେ ଜିନ୍ଦଲ ଷ୍ଟେନଲେସ୍, ହିସାର ୟୁନିଟ ତରଫରୁ ଏହାର ଉତ୍ପାଦନ କେନ୍ଦ୍ରଗୁଡ଼ିକରେ ନିଆଯାଉଥିବା ସଂଗଠିତ ଏବଂ ପ୍ରତିରୋଧାତ୍ମକ ପଦକ୍ଷେପକୁ ଦର୍ଶାଉଛି। ବିପଦର ଚିହ୍ନଟ, ବିପଦର ପ୍ରଭାବ ସମ୍ପର୍କରେ ମୂଲ୍ୟାଙ୍କନ କରିବା, ଇଞ୍ଜିନିୟରିଂ ଓ ପ୍ରାଶାସନିକ ନିୟନ୍ତ୍ରଣ, ନିୟମିତ ଅଡିଟ୍ ଏବଂ ନିରନ୍ତର ଭାବରେ ଦକ୍ଷତାର ବିକାଶ କରିବା ଆଦି ଦିଗରେ କମ୍ପାନୀର ନିଆଯାଉଥିବା ଢାଞ୍ଚାଗତ ପଦକ୍ଷେପ ଯୋଗୁଁ ଏହି ସମ୍ମାନ ମିଳିଛି ।

## ସି.ଭି. ରମଣ ଗ୍ଲୋବାଲ ୟୁନିଭର୍ସିଟିରେ ସର୍ଭିସ ଟେକ୍ନିସିଆନ୍ ଏକ୍ସେଲେନ୍ସ କାର୍ଯ୍ୟକ୍ରମ

**ଭୁବନେଶ୍ୱର,୧୧।୨(ସମିସ):** ଭୁବନେଶ୍ୱରସ୍ଥିତ ସିଭି. ରମଣ ଗ୍ଲୋବାଲ ୟୁନିଭର୍ସିଟି (ସିଜିୟୁ), ଓଡ଼ିଶା ଓ ବଜାଜ୍ ଅଟୋ ଫାଉଣ୍ଡେସନ୍‌ର ମିଳିତ ସହଯୋଗରେ ବଜାଜ୍ ସର୍ଭିସ୍ ଟେକ୍ନିସିଆନ୍ ଏକ୍ସିଲେନ୍ସ ପ୍ରୋଗ୍ରାମ୍ (ଷ୍ଟେପ୍) ଫେବୃୟାରୀ ୦୨ତାରିଖରେ ଶୁଭାରମ୍ଭ ହୋଇଯାଇଛି। ବଜାଜ୍ ଅଟୋ ଫାଉଣ୍ଡେସନ୍‌ର ଫ୍ଲାଗସିପ୍ ଷ୍ଟେପ୍ କାର୍ଯ୍ୟକ୍ରମ ଅର୍ଥନୈତିକ ଭାବେ ଅବହେଳିତ ଯୁବମାନଙ୍କୁ ମାଗଣା, ସ୍ୱଳ୍ପାବଧି ଦକ୍ଷତାମୂଳକ ପ୍ରଶିକ୍ଷଣ ଦେଇ ତାଙ୍କର ନିଯୁକ୍ତି ସୁଯୋଗ ବୃଦ୍ଧି କରିବ। ଚାରି ମାସର ଏହି ହ୍ୟାଣ୍ଡସ୍-ଅନ୍ ପ୍ରଶିକ୍ଷଣରେ ଦୁଇ ଓ ତିନି ଚକିଆ ଯାନ ପାଇଁ ଆଇସିଇ, ସିଏନ୍‌ଜି ଓ ଇଭି ପ୍ରଯୁକ୍ତି ସମ୍ମିଳିତ ଥାଇ ଯାହା ବର୍ତ୍ତମାନ ଓ ଭବିଷ୍ୟତ ଅଟୋମୋଟିଭ୍ ସେବା ଆବଶ୍ୟକତାକୁ ପୂରଣ କରିବ। ସିଜିୟୁର ପ୍ରତିଷ୍ଠାତା ଓ ଅଧ୍ୟକ୍ଷ ଶ୍ରୀ ସଞ୍ଜୀବ କୁମାର ରାଉତ କହିଛନ୍ତି ଯେ, ଛାତ୍ରଛାତ୍ରୀଙ୍କ ପାଇଁ ସ୍ଥାୟୀ ରୋଜଗାର ସୁଯୋଗ ସୃଷ୍ଟିରେ ଶିଳ୍ପ-ଅନୁକୂଳ ଦକ୍ଷତାଭିତ୍ତିକ ଶିକ୍ଷାର ଗୁରୁତ୍ୱାରୋପ କରିଥିଲେ। ଏହି କାର୍ଯ୍ୟକ୍ରମରେ ବଜାଜ୍ ଅଟୋ ଲିମିଟେଡ୍‌ର ସିଏସ୍‌ଆର୍ ଉପାଧ୍ୟକ୍ଷ ସୁଧାକର ଗୁଡିପାଟି, ଟାଟା ଷ୍ଟ୍ରାଇଭ୍‌ର ଆର୍ଥିକ ବିଭାଗ ମୁଖ୍ୟ ୱେଙ୍କଟ୍ ରାଇଡୁ,




ସହିତ ବଜାଜ୍ ଅଟୋର ସିଏସ୍‌ଆର୍ ଓ ଆଞ୍ଚଳିକ ସର୍ଭିସ୍ ଟିମ୍ ସଦସ୍ୟମାନେ ଏବଂ ଅନୁମୋଦିତ ଡିଲର୍‌ମାନେ ଉପସ୍ଥିତ ଥିଲେ। ସିଜିୟୁ ପକ୍ଷରୁ ଭାଇସ ଚାନ୍ସେଲର ପ୍ରୋଫେସର ବଂଶୀଧର ମାଝୀ, ପ୍ରୋଫେସର ଅମୂଲ୍ୟ ମହାପାତ୍ର ଏବଂ ରେଜିଷ୍ଟ୍ରାର ଡା. ବିନିତା ପଣ୍ଡା ମଧ୍ୟ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ୧୩ରୁ ଓଡିଶା ମେଡିକାଲ ଡିଭାଇସେସ୍ 'ଏକ୍ସପୋ'

**ଭୁବନେଶ୍ୱର,୧୧।୨(ସମିସ):** ଚଳିତମାସ ୧୩ ତାରିଖରୁ ଭୁବନେଶ୍ୱରରେ ଅନୁଷ୍ଠିତ ହେବାକୁ ଯାଉଛି ଓଡିଶା ମେଡିକାଲ ଡିଭାଇସେସ୍ 'ଏକ୍ସପୋ' ୨୦୨୬। ଫେବୃଆରୀ ୧୩ ରୁ ୧୫ ତାରିଖ ପର୍ଯ୍ୟନ୍ତ ବରମୁଣ୍ଡା ପ୍ରଦର୍ଶନୀ ପଡିଆଠାରେ ହେବାକୁ ଯାଉଥିବା ଓଡିଶା ମେଡିକାଲ ଡିଭାଇସେସ୍ ଏକ୍ସପୋ ୨୦୨୬ର ଏହାର ହେଉଛି ୫ମ ସଂସ୍କରଣ। ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲ ପ୍ରେକ୍ଷାଳୟରେ ଅନୁଷ୍ଠିତ ଏକ ସମ୍ବାଦିକ ସମ୍ମିଳନୀରେ ହାଇଟେକ୍ ଗ୍ରୁପ୍‌ର ନିର୍ଦ୍ଦେଶକ ଅନିଲ କୁମାର ପାଣିଗ୍ରାହୀ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ଚଳିତଥର ବପ୍ରଦର୍ଶନୀରେ ପ୍ରଦର୍ଶନ ହେବାକୁ ଥିବା ନୂତନ ଜ୍ଞାନକୌଶଳରେ ନିର୍ମିତ




ମେଡିକାଲ ଉପକରଣଗୁଡିକ ଆଗାମୀ ଦିନରେ ସ୍ୱାସ୍ଥ୍ୟ ଚିକିତ୍ସା କ୍ଷେତ୍ରରେ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିବ ବୋଲି ଶ୍ରୀ ପାଣିଗ୍ରାହୀ କହିଛନ୍ତି। ଏଥିରେ ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ ପ୍ରତିଷ୍ଠିତ କମ୍ପାନୀ ଯୋଗଦେବା ସହ ଓଡିଶାର ବହୁ ବିଭାଗୀୟ ମନ୍ତ୍ରୀ ଓ ସଚିବମାନେ ଯୋଗଦେବେ ବୋଲି ସେ ସୂଚନା ଦେଇଛନ୍ତି। ଏହି ସମ୍ବାଦିକ ସମ୍ମିଳନୀରେ ଓମ୍‌ସାର ରାଜ୍ୟ ସଭାପତି କିଶୋର ଚନ୍ଦ୍ର ମିଶ୍ର ଏବଂ ଶ୍ରୀକାନ୍ତ କୁମାର ସାମଲ ଉପସ୍ଥିତ ଥିଲେ।

### ଅଟକି ରହିଛି କରଦାତାଙ୍କ ରିଫଣ୍ଡ

## ୯୦ ଦିନ ହେବ ପଡିରହିଛି ୨୪ ଲକ୍ଷ ଆୟକର ରିଟର୍ଣ୍ଣ

**ନୂଆଦିଲ୍ଲୀ,୧୧।୨(ଏଜେନ୍ସି):** ଚଳିତମାସ ୪ ତାରିଖ ସୁଦ୍ଧା ୮.୮ କୋଟି ଆୟକର ଦାଖଲ ହୋଇଛି। ଏଥିମଧ୍ୟରୁ ପ୍ରାୟ ୨୪ ଲକ୍ଷ ରିଟର୍ଣ୍ଣ ର ଏ ପର୍ଯ୍ୟନ୍ତ ପ୍ରୋସେସିଂ ହୋଇନାହିଁ। ଯାହାଫଳରେ ଅଟକି ରହିଛି ଟିକସଦାତାଙ୍କ ଆୟକର ରିଫଣ୍ଡ ବାବଦ ଅର୍ଥ। କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ ସଂସଦରେ ଏହି ସୂଚନା ଦେଇଛନ୍ତି।




ଆୟକର ବିଭାଗର ସୂଚନା ଅନୁଯାୟୀ, ରିଟର୍ଣ୍ଣ ପ୍ରୋସେସିଂରେ ବିଳମ୍ବର ଅର୍ଥ ହେଉଛି ଯେ କରଦାତାଙ୍କ ଫର୍ମରେ କୌଣସି ତ୍ରୁଟି ଅଛି। ଏହାର ଅନେକ ବୈଷୟିକ କାରଣ ହୋଇପାରେ। ଯଦି ରିଟର୍ଣ୍ଣ ଦାଖଲ କରିବା ପରେ ଇ-ଭେରିଫାଏ କରାଯାଇନାହିଁ, ତେବେ ପ୍ରୋସେସିଂ ଆରମ୍ଭ ହେବ ନାହିଁ। ରିପୋର୍ଟ କରାଯାଇଥିବା ଆୟ ଏବଂ ବିଭାଗ ପାଖରେ ଉପଲବ୍ଧ ତଥ୍ୟ (ଯେପରିକି ଏଆଇଏସ୍ କିମ୍ବା ଫର୍ମ ୨୬ଏଏସ୍) ମଧ୍ୟରେ ପାର୍ଥକ୍ୟ। ଏଥିରେ କାରଦାତାଙ୍କ ବ୍ୟାଙ୍କ ଆକାଉଣ୍ଟ ବୈଧ ନ ଥାଇପାରେ କିମ୍ବା ଅନ୍ୟାନ୍ୟ ବୈଷୟିକ ଯାଞ୍ଚ ବାକି ଥାଇପାରେ। ବିଳମ୍ବ ମଧ ବିଭାଗ ଦ୍ୱାରା ଏକକାଳୀନ ବହୁ ସଂଖ୍ୟକ ରିଟର୍ଣ୍ଣ ପ୍ରାପ୍ତ ହେବା ଯୋଗୁଁ ହୋଇପାରେ। ଯଦି ଜଣେ ୨୦୨୫-୨୬ ଆସେସ୍‌ମେଣ୍ଟ ବର୍ଷ ପାଇଁ ରିଟର୍ଣ୍ଣ ଦାଖଲ କରିଛନ୍ତି, ତେବେ ରିଟର୍ଣ୍ଣ ସ୍ଥିତି ଯାଞ୍ଚ କରିବା ପାଇଁ ଆୟକର ୱେବସାଇଟ୍ ଭିଜିଟ୍ କରିବା ଜରୁରୀ। ସୂଚନାନୁଯାୟୀ, ସରକାରଙ୍କ 'ନଜ୍' ଅଭିଯାନ ଅଧୀନରେ ୧୧ ଲକ୍ଷରୁ ଅଧିକ ଲୋକ ସେମାନଙ୍କର ରିଟର୍ଣ୍ଣ ସଂଶୋଧନ କରିଛନ୍ତି। ସରକାର ସଂସଦକୁ ସୂଚନା ଦେଇଛନ୍ତି ଯେ ବିଭାଗର 'ନଜ୍' ଅଭିଯାନ ଯୋଗୁଁ, କରଦାତା ଏବେ ସେମାନଙ୍କର ତ୍ରୁଟି ସଂଶୋଧନ କରିବାକୁ ଆଗକୁ ଆସୁଛନ୍ତି। ଗତ ଦୁଇ ବର୍ଷ ମଧ୍ୟରେ ୧୧ ଲକ୍ଷରୁ ଅଧିକ ଲୋକ ସେମାନଙ୍କର ରିଟର୍ଣ୍ଣ ଅପଡେଟ୍ କିମ୍ବା ସଂଶୋଧନ କରିଛନ୍ତି।

